

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୦୯ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 09 SEPTEMBER 2022

Vol.No. 35 ■ No. 237 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ଲୋକାର୍ପିତ ହୋଇଛି ନବୀକୃତ ସେଂଟ୍ରାଲ ଭିଷ୍ଟା ଆଭିନ୍ୟୁ

ନୂଆଦିଲ୍ଲୀ, ୦୮/୦୯ : ଲୋକାର୍ପିତ ହୋଇଛି ନବୀକୃତ ସେଂଟ୍ରାଲ ଭିଷ୍ଟା ଆଭିନ୍ୟୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଦାଘାଟନ କରିଛନ୍ତି । ଏହାସହ ପ୍ରଧାନମନ୍ତ୍ରୀ ଦିଲ୍ଲୀର ଏହି ଐତିହାସିକ ମାର୍ଗ ରାଜପଥର ନାଁ ବଦଳାଇ କର୍ତବ୍ୟପଥ ରଖିଛନ୍ତି । ସ୍ୱାଧୀନତା ପୂର୍ବରୁ ଏହି ମାର୍ଗର ନାଁ କିଙ୍ଗସୱେ ଥିଲା, କିନ୍ତୁ ପରେ ଏହାକୁ ରାଜପଥରେ ପରିଣତ କରାଗଲା । ସାଧାରଣ ଲୋକଙ୍କ ପାଇଁ ଏହା ଶୁକ୍ରବାରଠାରୁ ଖୋଲିବ । ଦିଲ୍ଲୀର ଇଣ୍ଡିଆ ଗେଟ୍‌ଠାରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ରାଜପଥର ଉଭୟ ପାଶ୍ୱର୍ କ୍ଷେତ୍ରକୁ ସେଂଟ୍ରାଲ ଭିଷ୍ଟା କୁହାଯାଉଛି । ଏହି ଅଂଚଳରେ ରାଷ୍ଟ୍ରପତି ଭବନ, ନର୍ଥ ବ୍ଲକ, ସାଉଥ୍

ବ୍ଲକ, ରେଳ ଭବନ, ସଂସଦ ଭବନ, କୃଷି ଭବନ, ନିର୍ମାଣ ଭବନ, ପ୍ରତିରକ୍ଷା ଭବନ ଓ ହାଇଦ୍ରାବାଦ ହାଉସ୍ ପରି ଅନେକ ସରକାରୀ କୋଠା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡିଆ ଗେଟ୍ ନିକଟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କର ପ୍ରତିମୂର୍ତ୍ତିର ବି ଉଦ୍ଘାଟନ କରିଛନ୍ତି । ଚଳିତ ବର୍ଷ ଜାନୁଆରୀ ୨୩ରେ ସମାନ ସ୍ଥାନରେ ସୁଭାଷ ବୋଷଙ୍କର ଏକ ହଲମାର୍କ ମୂର୍ତି ଉନ୍ମୋଚନ କରିଥିଲେ ପ୍ରଧାନମନ୍ତ୍ରୀ । ଏବେ ଏହାକୁ ଗ୍ରାନାଇଟ୍ ଦ୍ୱାରା ନିର୍ମାଣ କରାଯାଇଛି । ଏହାର ଉଚ୍ଚତା ୨୮ ଫୁଟ ହୋଇଥିବା ବେଳେ ଓଜନ ୬୫ ମେଟ୍ରିକ୍ ଟନ୍ ରହିଛି । ଇଣ୍ଡିଆ ଗେଟ୍‌ରୁ ରାଜପଥ ପର୍ଯ୍ୟନ୍ତ ଲମ୍ବିଥିବା ରାଜପଥକୁ ଏଣିକି କର୍ତବ୍ୟ ପଥ କୁହାଯାଉଛି । ୧୦୧ ଏକରରେ ତିଆରି ହୋଇଛି ଏହି ଲନ୍ । ୧୬.୫ କିଲୋମିଟର ପାଦଚଲା ରାସ୍ତା ରହିଛି । ଏକା ସାଙ୍ଗରେ ୧୧୦୦ରୁ ଅଧିକ କାର, ୩୫ ବସ୍ ପାଇଁ ପାର୍କିଂର ବ୍ୟବସ୍ଥା ରହିଛି । ଆଉ ଏକା ସାଙ୍ଗରେ ୪୦୦ରୁ ଅଧିକ ବେଂଚ ରହିଛି । ଯେଉଁଠି ଲୋକ ଏକାଠି ବସି ମଜା ନେଇପାରିବେ । ଅଳିଆ ଆବର୍ଜନ ମୁକ୍ତ କରିବା ପାଇଁ ୧୫୦ ଡଷ୍ଟବିନର ବ୍ୟବସ୍ଥା ହୋଇଛି । ସେହିପରି ଦେଶର ବିଭିନ୍ନ ରାଜ୍ୟର ଥିବା ଖାଦ୍ୟ ଏଠାରେ ବିଭିନ୍ନ ଷ୍ଟଲରେ ଉପଲବ୍ଧ ହେବ ।

୧୨୦ ବର୍ଷ ପରେ କୋଣାର୍କରୁ କଢ଼ାଯିବ ବାଲି

ଭୁବନେଶ୍ୱର,୦୮/୦୯ (ନି.ପ୍ର): କୋଣାର୍କ ସୂର୍ଯ୍ୟମନ୍ଦିରର ବାହାର ପଟର କାରୁକାର୍ଯ୍ୟ ଦେଖି ସାରା ବିଶ୍ୱ ବିମୋହିତ ହୋଇଥିବା ବେଳେ ମନ୍ଦିରର ଭିତରେ କ'ଣ ଅଛି, ତାହା କେବେ କେହି ଦେଖିନାହାନ୍ତି । ବ୍ରିଟିଶ ଅମଳରୁ ସୂର୍ଯ୍ୟମନ୍ଦିର ଗର୍ଭଗୃହରେ ବାଲି ରହିଛି । ଜଗମୋହନର ସୁରକ୍ଷା ପାଇଁ ୧୯୦୩ରୁ ୩ଦ୍ୱାର ଓ ଗର୍ଭଗୃହରେ ବାଲି ଭର୍ତ୍ତି କରି ବନ୍ଦ କରାଯାଇଥିଲା । ଏବେ ବାଲି କାଢ଼ିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ସମ୍ଭବତଃ ବାଲି କଢ଼ାଯିବା ପରେ ଅନେକ ରହସ୍ୟ ଉପରୁ ପରଦା ହଟିପାରେ । କୋଣାର୍କ ସମ୍ପର୍କରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମନାକୁ ଆସିପାରେ । ୩ ଦ୍ୱାର ଓ ଗର୍ଭଗୃହରୁ ବାଲି କାଢ଼ିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଅନୁମତି ଦେବା ପରେ ଆରମ୍ଭ ହୋଇଛି

ପ୍ରକ୍ରିୟା । ଏନେଇ କିଛି ବର୍ଷ ହେଲା ତର୍ଜମା ଚାଲିଥିଲା । ବିଶେଷଜ୍ଞ ଓ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତଙ୍କ ପରାମର୍ଶ ପରେ ଆଗକୁ ବଢ଼ିଛି ପ୍ରତ୍ନତତ୍ତ୍ୱ ବିଭାଗ । ବାଲି ଭର୍ତ୍ତି ପୂର୍ବରୁ ଜଗମୋହନ ଭିତର ଦୃଶ୍ୟ ସାମ୍ନାକୁ ଆସିଛି । ଅର୍ଥାତ୍ ୧୯୦୩ରେ ବ୍ରିଟିଶ ସରକାର ବାଲି ଭର୍ତ୍ତି କରିବା ପୂର୍ବରୁ ଏହି ଚିତ୍ର ଥିଲା କୋଣାର୍କ ମନ୍ଦିରର । ଗବେଷକମାନେ କୁହନ୍ତି, ୧୨୦ ବର୍ଷ ତଳେ ୧୩୦ ଫୁଟ ଉଚ୍ଚର ବାଲି ଭର୍ତ୍ତି କରାଯାଇଥିଲା । ଜାଞ୍ଜାକୁ ସୁରକ୍ଷା ଦେବା ପାଇଁ ବ୍ରିଟିଶ ସରକାର ଏପରି କରିଥିଲେ । ବିଶିଷ୍ଟ ସ୍ଥପତି ବିଶେନ ସ୍ୱରୂପଙ୍କ ନେତୃତ୍ୱରେ ବାଲି ଭର୍ତ୍ତି କରାଯାଇଥିଲା । ୧୨୦ ବର୍ଷ ଭିତରେ ବାଲି ଦବି ଯାଇଥିବାରୁ ବିପଦରେ ଅଛି କୋଣାର୍କ । ବାଲି କଢା ଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ କୋଣାର୍କ ମନ୍ଦିର ▶▶ପୃଷ୍ଠା ୭

ନାବାଳିକାଙ୍କୁ ବ୍ଲାକ୍‌ମେଲିଂ ଅଭିଯୋଗରେ ଯୁବକ ଗିରଫ

ଭୁବନେଶ୍ୱର,୦୮/୦୯ (ନି.ପ୍ର): ଦୁଇ ନାବାଳିକା ଭଉଣୀଙ୍କ ନାଁରେ ସୋସିଆଲ ମିଡିଆ ଆକାଉଂଟ ଖୋଲି ବ୍ଲାକ୍ ମେଲିଂ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ପୋଲିସ୍ । ଗିରଫ ଅଭିଯୁକ୍ତ ହେଲା ଅନୁଗୁଳର ପରିଚିତ ନାୟକ। ତେବେ ସେ ଭୁବନେଶ୍ୱରରେ କାଳିଆ ଦାସ ନାମରେ ରହୁଥିଲା । ଭୁବନେଶ୍ୱର ଲଇସ୍କନରେ ସେ ରୋଷେୟା ଭାବେ କାମ କରୁଥିଲା । ସୂଚନା ଅନୁଯାୟୀ କାଳିଆ ଦୁଇ ନାବାଳିକାଙ୍କୁ ପ୍ରଥମେ ପ୍ରେମ ନିବେଦନ କରିଥିଲା । ସେମାନେ ଏଥିରେ ରାଜି ନହେବାରୁ କାଳିଆ ସେମାନଙ୍କ ନାଁରେ ଫେସବୁକ୍ ରେ ନକଲି ଆକାଉଂଟ ଖୋଲିଥିଲା । ସେଥିରେ ସେମାନଙ୍କ ଫଟୋକୁ ଏଡିଟ୍ କରି ଅଶ୍ଳିଳ କରୁଥିଲା । ଏହାପରେ ଫଟୋ ପୋଷ୍ଟ କରି ପରିବାର ଲୋକଙ୍କୁ ମେସେଜ୍ କରି ଟଙ୍କା ମାଗୁଥିଲା । କାଳିଆଙ୍କ ଏପରି ଆଚରଣରେ ଅତିଷ୍ଠ ହୋଇ ଦୁଇ ନାବାଳିକା ଭଉଣୀ ଭୁବନେଶ୍ୱର ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଥିଲା । ପରେ କାଳିଆକୁ ଗିରଫ କରିଥିଲା ।

ଓଡିଶାରେ ଆରମ୍ଭ ହେବ ଅନଲାଇନ୍‌ରେ ମନ୍ଦିର ଦର୍ଶନ ବ୍ୟବସ୍ଥା

ଭୁବନେଶ୍ୱର,୦୮/୦୯ (ନି.ପ୍ର): ଓଡ଼ିଶାରେ ଖୁବ୍ ଶୀଘ୍ର ଆରମ୍ଭ ହେବ ଇଂଟିଗ୍ରେଟେଡ ଟେମ୍ପୁଲ୍ ମ୍ୟାନେଜମେଂଟ ସିଷ୍ଟମ ବା ଆଇଟିଏମଏସ୍ । ଏହା ଜରିଆରେ ଅନଲାଇନ ଜରିଆରେ ଦେବାଳୟ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ । ତାମିଲନାଡୁ ଓ କର୍ଣ୍ଣାଟକ ରାଜ୍ୟ ଢାଂଚାରେ ଅନଲାଇନ୍ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା । ଏଥିସହ ଶ୍ରଦ୍ଧାଳୁମାନେ ପୂଜା ଓ ପ୍ରସାଦ ସେବନ ସୁବିଧା ମଧ୍ୟ ପାଇ ପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ଦୁଇ ଦୁଇଥର ବିଭିନ୍ନ ପଦାଧିକାରୀଙ୍କ ସହ ବୈଠକ ପରେ ଏନେଇ ନିଷ୍ପତି ନିଆଯାଇଛି ▶▶ପୃଷ୍ଠା ୭

ଚୀନକୁ ଟକ୍କର ଦେବ ତାଇୱାନ !
ଏକାଠି ହେଲେ ତାଇୱାନ-ଆମେରିକା-ଜାପାନ

ନୂଆଦିଲ୍ଲୀ, ୦୮/୦୯ : ତାଇୱାନ ଜଳରାଶିରେ ଚୀନର ଦାଦାଗିରି ଦିନକୁ ଦିନ ବଢ଼ିବାରେ ଲାଗିଛି । ଏବଂ ଏହାର ମୁକାବିଲା ପାଇଁ ଏବେ ଅଣ୍ଟା ଭିଡ଼ିଛି ତାଇୱାନ । ଆଉ ଏଥିରେ ତାଇୱାନକୁ ସହାୟତା କରିବେ ଆମେରିକା ଓ ଜାପାନ । ତାଇୱାନକୁ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣରେ ରଖିବାକୁ ଚୀନର ପ୍ରୟାସକୁ ପଣ୍ଡ କରିବା ପାଇଁ ତାଇୱାନ ବାୟୁସେନା କେତେକ ଜରୁରୀ ପଦକ୍ଷେପ ଗ୍ରହଣ କରିଛି । ଆଉ ଏଥିପାଇଁ ପୂର୍ଣ୍ଣ ସହାୟତା ଯୋଗାଇଦେଇଛି ଆମେରିକା । ଆମେରିକା ଓ ଜାପାନ ମଧ୍ୟ ତାଇୱାନ ଷ୍ଟେଟରେ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଠୁଳ କରୁଛନ୍ତି । ନିଜର ମହାବିନାଶକାରୀ ବିମାନବାହୀ ଯୁଦ୍ଧପୋତ ମୁତୟନ କରିଛି ଆମେରିକା । ସେହିପରି ଜାପାନ ମଧ୍ୟ କ୍ଷେପଣାସ୍ତ୍ର ବ୍ୟବସ୍ଥାକୁ

ହାଇଆଲର୍ଟ ରଖିଛି । ଚୀନ ଡ୍ରୋନଗୁଡ଼ିକୁ ଆକ୍ରମଣ କରି ଖସାଇ ଦେବା ନିମନ୍ତେ ତାଇୱାନକୁ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଦିଆଯାଇଛି । ଅନ୍ୟପଟେ ଚୀନ ଆମେରିକାକୁ ଧମକାଇ ଯେଉଁଭଳି ତାଇୱାନ ମାମଲାରୁ ଦୂରେଇ ରଖିବାକୁ ଚାହୁଁଥିଲା ତାହା କାମ ଦେଇନାହିଁ । ତାଇୱାନକୁ ଦଖଲ କରିବା ପାଇଁ ଚୀନ କୌଣସି ବଡ଼ ସାମରିକ ଯୋଜନା କାର୍ଯ୍ୟକାରୀ କରିବାକୁ ସାହସ ଜୁଟାଇ ପାରୁ ନଥିବା କୁହାଯାଇଛି । ତେବେ ତାଇୱାନ ଚୀନ ବିରୋଧରେ ମୁକାବିଲା କରିବାକୁ ଯୁଦ୍ଧାଭ୍ୟାସ ଜାରି ରଖିଛି । ଏଥିରେ ସହଯୋଗ ପାଇଁ ଆମେରିକା ସେନା ସକ୍ରିୟ ହୋଇଉଠିଛି । ଚୀନ ବିରୋଧରେ ମୁକାବିଲା ପାଇଁ ତାଇୱାନ ଚଳାଇଥିବା ପ୍ରସ୍ତୁତିରେ ଆମେରିକାର ସହଯୋଗକୁ ରୋକିବା ପାଇଁ ଚୀନ ଗୋଟିଏ ପରେ ଗୋଟିଏ ଚେତାବନୀ ଦେବାରେ ଲାଗିଛି । ଯାହାକୁ ବାରମ୍ବାର ଅଣଦେଖା କରୁଛି ଆମେରିକା । ଏବଂ ତାଇୱାନକୁ ଯୋଗାଉଛି ପୂର୍ଣ୍ଣ ସହଯୋଗ ।

ଚାନ୍ଦିପୁରରୁ କ୍ୟୁଆରଏସଏମ୍‌ର ସଫଳ ପରୀକ୍ଷଣ

ଭୁବନେଶ୍ୱର,୦୮/୦୯ (ନି.ପ୍ର): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ସେନା ଓଡ଼ିଶା ଉପକୂଳର ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟି (ଆଇଟିଆର)ରୁ କୁଇକ୍ ରିଆକ୍ସନ୍ ସର୍ଫେସ୍ ଟୁ ଏୟାର ମିସାଇଲ୍ (କ୍ୟୁଆରଏସଏଏମ) ବ୍ୟବସ୍ଥାର ପରୀକ୍ଷଣକୁ ସଫଳତାର ସହ ସମାପ୍ତ କରିଛନ୍ତି। ଭାରତୀୟ ସେନା ଦ୍ୱାରା ମୂଲ୍ୟାଙ୍କନ ପରୀକ୍ଷଣର ଏକ ଅଂଶ ଭାବରେ ଏହି ପରୀକ୍ଷା କରାଯାଇଥିଲା। ବିଭିନ୍ନ ପରିସ୍ଥିତିରେ ଅସ୍ତ୍ରଶସ୍ତ୍ରର ମାରକ କ୍ଷମତାକୁ ଆକଳନ କରିବା ପାଇଁ ବିଭିନ୍ନ ପ୍ରକାରର ବିପଦକୁ ଠାବ ସହିତ ଆକାଶରେ ଆସୁଥିବା ଦ୍ରୁତଗାମୀ ଲକ୍ଷ୍ୟ ବିରୁଦ୍ଧରେ ଏହି ପରୀକ୍ଷା କରାଯାଇଥିଲା, ଯେଉଁଥିରେ ଦୂରଗାମୀ ମଧ୍ୟମ ଉଚ୍ଚତା, ସ୍ୱଳ୍ପ ଦୂରତା, ଅଧିକ ଉଚ୍ଚତାରେ ଲକ୍ଷ୍ୟକୁ ପରିଚାଳନା,

କମ୍ ଉଚ୍ଚତାରେ ରାଡାର ଦ୍ୱାରା ଏହାକୁ ଠାବ କରିବା ସହିତ ଲକ୍ଷ୍ୟଭେଦ ଏବଂ ସାମୂହିକ ଭାବେ ଦୁଇଟି କ୍ଷେପଣାସ୍ତ୍ରକୁ କ୍ରମାଗତ ଭାବରେ ଛଡାଯାଇଥିଲା । ଉଭୟ ଦିନ ଓ ରାତି ପରିସ୍ଥିତିରେ ଏହାର କାର୍ଯ୍ୟଦକ୍ଷତାକୁ ମଧ୍ୟ ମୂଲ୍ୟାଙ୍କନ କରାଯାଇଥିଲା । ଏହି ପରୀକ୍ଷଣ ସମୟରେ, ଅତ୍ୟାଧୁନିକ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ୱାରହେଡ୍ ଚେନ୍ ସହିତ କଂଟ୍ରୋଲ୍ ଆଲଗୋରିଦମ ଅସ୍ତ୍ର ପ୍ରଣାଳୀର ଶତ ପ୍ରତିଶତ ସଠିକତାର ସହ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଥିଲା । ଆଇଟିଆର ଦ୍ୱାରା ନିୟୋଜିତ ଟେଲିମେଟ୍ରି, ରାଡାର ଏବଂ ଇଲେକ୍ଟ୍ରୋ ଅପ୍ଟିକାଲ୍ ଟ୍ରାକିଂ ସିଷ୍ଟମ୍ (ଇଓଟିଏସ୍) ପରି ଅନେକ ଯନ୍ତ୍ରାଂଶ ଦ୍ୱାରା ଏକତ୍ର ହୋଇଥିବା ତଥ୍ୟରୁ ଏହାର କାର୍ଯ୍ୟଦକ୍ଷତା ନିଶ୍ଚିତ ହୋଇଛି । ଏହି ଉତକ୍ଷେପଣ ସମୟରେ ▶▶ପୃଷ୍ଠା ୭

ଟେଲମା-୪୦ ଓ ଟେଲମା-ଏମଏମ ଖାଉଥିଲେ ସାବଧାନ

ନୂଆଦିଲ୍ଲୀ, ୦୮/୦୯ : ଉଚ୍ଚ ରକ୍ତଚାପ ଔଷଧ ଟେଲମା-୪୦ ଓ ଟେଲମା ଏମଏମକୁ ନେଇ ଔଷଧ ବଜାରରେ ହଇଚଇ । ଏହି ଦୁଇଟି ଔଷଧର ଠିକ୍ ଅବିକଳ ଦେଖାଯାଉଥିବା ନକଲି ଔଷଧ ବଜାରରେ ବିକ୍ରି ହେଉଥିବା ଅଭିଯୋଗ ଆସିବା ପରେ ତତ୍ପର ହୋଇଛି ଡ୍ରଗ୍ସ କଣ୍ଟ୍ରୋଲର ଟିମ୍ । ରାଜ୍ୟର ୭ଟି ଜିଲ୍ଲାର ବିଭିନ୍ନ ଔଷଧ ଦୋକାନରେ ଚଢାଉ କରିଛି ଡ୍ରଗ୍ସ କଣ୍ଟ୍ରୋଲ ଟିମ । ଔଷଧର ପରୀକ୍ଷା ନସରିବା ଯାଏଁ ବଜାରରେ ଯେପରି ଏହି ଔଷଧ ବିକ୍ରି ନହେବ ସେଥିପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି ।

ଏଥିସହ ସମସ୍ତ ଔଷଧ ଦୋକାନରୁ ଡିପୋକୁ ଅଣାଯାଇଛି ଔଷଧ । ଚଢାଉ ସମୟରେ ଜବତ ହୋଇଥିବା ଔଷଧକୁ ତିଆରି କରିଥିବା ସଂସ୍ଥା ଓ ଲ୍ୟାବକୁ ପଠାଯିବ ବୋଲି ଡ୍ରଗ୍ସ କଣ୍ଟ୍ରୋଲର କହିଛନ୍ତି । ତେବେ ଏହା ଅସଲି କି ନକଲି ତାହା ଜାଣିବା ପାଇଁ ଅତି କମରେ ୭ ଦିନ ଲାଗିବ ବୋଲି ସେ କହିଛନ୍ତି । ଦାମୀ ବ୍ରାଣ୍ଡର ମେଡିସିନ୍‌ଙ୍କୁ ନକଲ କରାଯାଇ ବଜାରକୁ ଛଡାଯାଉଥିବା ଅଭିଯୋଗ ହେବା ପରେ କଟକର ମାଣିକଘୋଷ ବଜାର, ବାଦାମବାଡି, ବାଙ୍କାବଜାର, ମଙ୍ଗଳବାଗ ସମେତ ୧୨ଟି ସ୍ଥାନରେ ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ ପକ୍ଷରୁ ଚଢାଉ ▶▶ପୃଷ୍ଠା ୭

ଅଗଷ୍ଟରେ ୮୦ ଲକ୍ଷ ଟଙ୍କା ଲୁଟିଛନ୍ତି ସାଇବର ଠକ

ଭୁବନେଶ୍ୱର,୦୮/୦୯ (ନି.ପ୍ର): ଅଗଷ୍ଟ ମାସରେ ଭୁବନେଶ୍ୱରରେ ହୋଇଥିବା ସାଇବର ଠକେଇର ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ ଅଗଷ୍ଟ ମାସରେ ସାଇବର ଠକମାନେ ୭୯ ଲକ୍ଷ ୯୮ ହଜାର ଟଙ୍କା ଲୁଟିଛନ୍ତି। ଏହାମଧ୍ୟରୁ ମାତ୍ର ୬ ଲକ୍ଷ ୧୧ ହଜାର ଟଙ୍କା ଫେରସ୍ତ ଆସିପାରିଛି। ମାସକରେ ସାଇବର ଠକେଇ ସମ୍ପର୍କିତ ମୋଟ ୩୪୪ କଲ୍ ଆସିଥିବା ବେଳେ ସର୍ବାଧିକ ୧୧୦ଟି ଡେବିଟ୍ କାର୍ଡ ଠକେଇ ମାମଲା ରହିଛି।

ସୃଷ୍ଟି ହେଲା ଲଘୁଚାପ, ୧୦ ଓ ୧୧ରେ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୦୮/୦୯ (ନି.ପ୍ର): ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମ-କେନ୍ଦ୍ରୀୟ ତତସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆଗାମୀ ୪୮ଘଂଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ତତସଂଲଗ୍ନ ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତୀ ଉତର ଆନ୍ଧ୍ର ଏବଂ ଦକ୍ଷିଣ ଓଡିଶା ଉପକୂଳ ସମୁଦ୍ର ମଧ୍ୟରେ ସୁଦୃଶଃ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅପରପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଉପକୂଳ ସମେତ ପାର୍ଶ୍ୱବର୍ତୀ ତଥା ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗିରହିଛି। ତେବେ ୧୦ ଏବଂ ୧୧ ତାରିଖରେ ସର୍ବାଧିକ ପ୍ରଭାବ ଦେଖିବାକୁ ମିଳିବ। ୧୦ ତାରିଖରେ ୧୧ ଜିଲ୍ଲାକୁ ପ୍ରବଳରୁ ଅତିପ୍ରବଳ ବର୍ଷା ପାଇଁ ଅରେଞ୍ଜ ଚେତାବନୀ ଓ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବ୧୧ ତାରିଖରେ ୧୦ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଓ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଂଜାମ , ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୧୧ରେ 'ଆପ'ର ଜିଲ୍ଲାସ୍ତରୀୟ କର୍ମୀ ସମ୍ମିଳନୀ

ବାଲେଶ୍ୱର,୦୮/୦୯ (ନି.ପ୍ର): ଓଡ଼ିଶାରେ ଆମ ଆଦମୀ ପାର୍ଟି (ଆପ) ସାଂଗଠନ ଆଗକୁ ନେବା ପାଇଁ ଦଳୀୟ କର୍ମକର୍ତ୍ତାଙ୍କ ପକ୍ଷରୁ ଆରମ୍ଭ ହୋଇଛି ପ୍ରକ୍ରିୟା। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରରେ ଦଳ ପକ୍ଷରୁ ଜିଲ୍ଲାସ୍ତରୀୟ କର୍ମୀ ସମ୍ମିଳନୀ ଆୟୋଜନ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଥିବା ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳୀୟ ଜିଲ୍ଲା ସଭାପତି କୁମାର ସ୍ୱର୍ଣ୍ଣ ଭାରତ ମଲ୍ଲିକ ସୂଚନା ଦେଇଛନ୍ତି। ଆସନ୍ତା ୧୧ ତାରିଖରେ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ଆୟୋଜନ ହେବାକୁ ଯାଉଥିବା ଏହି ସମ୍ମିଳନୀରେ ୮ଶହରୁ ଅଧିକ କର୍ମୀ ଯୋଗଦେବେ । ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଯୋଗଦେଇ କର୍ମୀମାନଙ୍କୁ ସାଂଗଠନିକ ମନ୍ତ୍ର

ଦେବେ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ବିଶେଷ କରି ବାଲେଶ୍ୱର ଜିଲାର ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ରୋଜଗାର, କୃଷି, ପରିବେଶ

ଗୁଲନଗର ଗ୍ରାମରେ ଗଣେଶ ମେଲଣ

କେନ୍ଦ୍ରାପଡ଼ା,୮/୦୯ (ନି.ପ୍ର): ଗୁଲନଗର ଗ୍ରାମରେ ଗଣେଶ ଠାକୁର ମେଲଣ ଓ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ୭ଟି ମେଢ ଯୋଗଦେଇଥିଲେ । ସକାଳ ୧୦ଟା ରେ ଥାନ ପତି ଜୟଦୁର୍ଗା କ୍ଲବ ଆସ୍ଥାନ ଛାଡିଥିଲେ । ଏହା ପରେ ପରେ ଆଉ ୬ଟି ମେଢ ଗ୍ରାମ ପରିକ୍ରମା କରି ଚଟି ପୋଲ ପାଖ ମେଲଣ ପଡିଆରେ ଅପରାହ୍ନ ୧ଟା ବେଳେ ଏକାଠି ହୋଇ ଭୋଗ ଖାଇଥିଲେ । ଏହା ପରେ ଅପରହ୍ନ ୪ଟା ବେଳେ ସବୁମେଢଗୁଡିକ କ୍ରମାଅନୁସାରେ ଗ୍ରାମ ପରିକ୍ରମା କରି ରାତି୧୦ଟା ସୁଧା ପାଣି ରେ ବିର୍ଷଜନ ହୋଇଥିଲେ । ଏହି ୭ଟି ମେଢ ଗୁଡିକ ହେଲା ଜୟଦୁର୍ଗା କ୍ଲବ, ହେଙ୍କଡ କ୍ଲବ,ଗୋବିନ୍ଦଜୀୟୁ କ୍ଲବ,ତ୍ରିନାଥ କ୍ଲବ, ଗଣପତି କ୍ଲବ, ମହାଲକ୍ଷମି କ୍ଲବ, ମଦନମୋହନ କ୍ଲବ । ଏହି ଉପଲକ୍ଷେ ଗ୍ରାମପଂଚାୟତ ପକ୍ଷରୁ ସମାଜସେବୀ ଅମୁଲ୍ୟ ସେଠୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସଦରଥାନା ଆଇଆଇସି ପବିତ୍ର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମେଲଣ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ କହିଥିଲେ । ସରପଙ୍କ ପ୍ରତିନିଧି କରୁଣାକର ସାହୁ, ସମାଜସେବୀ ଜଗନ୍ନାଥ ତ୍ରିପାଠୀ, ଗୁଲନଗର ପ ।ୟତ ସମିତି ସଭ୍ୟଙ୍କ ସ୍ୱାମୀ ରବିନ୍ଦ୍ର କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଗ୍ରାମପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ପ ।ୟତବାସୀଙ୍କୁ ପରାମର୍ଶ ଦେଇଥିଲେ । ସେଠାରେ ମନୋରଞ୍ଜନ ସେଠୀ, ଗିରିଶ ସେଠୀ, ମକରସେଠୀ, ଗୋଲ ସେଠୀ, ପଂଚାୟତର ସମସ୍ତ ସମିତି ସଭ୍ୟ, ନ୍ୟାୟ ସରପଂଚ ପ୍ରମୁଖ ଏହି ମେଲଣ ଉତ୍ସବକୁ ପରିଚାଳନା କରିଥିଲେ । ଉତ୍ସବ ଦେଖିବା ପାଇଁ ବହୁ ଜନ ସମାଗମ ହୋଇଥିଲା ।

ବିଶ୍ୱକପ୍ ହକି ପ୍ରସ୍ତୁତି ନେଇ ଜାତୀୟ : ଆନ୍ତର୍ଜାତିୟ ୬ ଜଣିଆ ଟିମ୍‌ର ସମୀକ୍ଷା

ରାଉରକେଲା,୮/୦୯ (ନି.ପ୍ର): ୨୦୨୩ ବିଶ୍ୱକପ ହକି ଓଡ଼ିଶାର ରାଉରକେଲାରେ ଆୟୋଜିତ ହେବାକୁ ଥିବାବେଳେ ଆଜି ଜାତୀୟ, ଆନ୍ତର୍ଜାତିୟ ଓ ରାଜ୍ୟସ୍ତରୀୟ ୬ ଜଣିଆ ଟିମ୍ ଦୁଇଟି ବିମାନରେ ଆସି ରାଉରକେଲା ବିମାନ କ୍ଷେତ୍ରରେ ପହଂଚିବା ସହ ବିଶ୍ୱକପ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ।

ଏହି ଟିମ୍ ବିପିୟୁଟି ପରିସରରେ ନିର୍ମାଣାଧିନ ବିଶ୍ୱସ୍ତରିୟ ହକି ପଡିଆକୁ ବୁଲି ଦେଖିବା ସହ ଏଥିପାଇଁ ନିର୍ମାଣାଧିନ ରହଣି ସ୍ଥାନ ଓ ଅବଶ୍ୟକୀୟ ସମସ୍ତ ବ୍ୟବସ୍ଥା ଉପରେ ଅନୁଧ୍ୟାନ କରିଥିଲେ । ପରେ ଏୟାରପୋର୍ଟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଉରକେଲାର ଗଣମାଧ୍ୟମକୁ ସୂଚନା ଦେଇ ଏହି ପ୍ରତିନିଧି ଦଳ କହିଥିଲେ ଯେ, ଭାରତରେ ଚତୁର୍ଥ ଥର ପାଇଁ ହକି ବିଶ୍ୱକପର ଆୟୋଜନ କରାଯାଉଛି । ଯାହାକି ବିଶ୍ୱରେ ଏତେ ଥର ଆୟୋଜନ କେବଳ ଭାରତରେ ସମ୍ଭବ ହୋଇଛି । ଏହି ଆୟୋଜନ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନପ୍ରାଣ ଦେଇ ସମସ୍ତ କାର୍ଯ୍ୟର ତଦାରଖ କରୁଥିବାରୁ ଏହି ଟିମ୍ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ବର୍ତମାନ ଯେଉଁଭଳି ଆୟୋଜନ ଚାଲିଛି ସଫଳତାର ସହ ଶେଷ ହେଲେ ଏହାକୁ ଏକ ଆଇକନିକ ୱାଲର୍ଡକପ ବୋଲି କୁହାଯାଇପାରିବ । ବିଶ୍ୱରେ ବିଭିନ୍ନ ସ୍ଥାନରେ ୱାଲର୍ଡ଼ କପ୍ ଖେଳାଯାଉଥିବା ବେଳେ ଆଗାମୀ ଦିନରେ ଓଡ଼ିଶାର ରାଉରକେଲାରେ ଖେଳାଯିବ । ଏହା ଓଡ଼ିଶାରେ ଦ୍ୱିତୀୟ ସହର ଭାବେ ପରିଗଣିତ ହେବ । ଜାତୀୟ ଟିମ୍ ରୁ ଆସିଥିବା ଖେଳାଳୀ ମାନେ ଅତୀତରେ ବାରବାଟୀକୁ ଦେଖିଥିଲେ ଓ ସେ ଅଭିଜ୍ଞତାକୁ ଗଣମାଧ୍ୟମ ସମ୍ମୁଖରେ ରଖିଥିଲେ ଓ ରାଉରକେଲାରେ ଆୟୋଜିତ ହକି ବିଶ୍ୱକପ୍ ମଧ୍ୟ ବେଶ୍ ରୋମାଟଂକର ହେବ ଏବଂ ହକିପ୍ରେମୀ ମାନେ ତାହାର ଆନନ୍ଦ ନେବେ ବୋଲି ଏହି ଟିମ୍ ର ସଦସ୍ୟ ମାନେ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ନିର୍ମାଣାଧିନ କାର୍ଯ୍ୟକୁ ତଦାରଖ କରିବା ନିମନ୍ତେ ବିଭିନ୍ନ ସମୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଫାଇଭ-ଟି ସଚିବଙ୍କ ସମେତ ଅନ୍ୟାନ୍ୟ ସଚିବ ତଥା ମନ୍ତ୍ରୀ ମାନେ ବିଭିନ୍ନ ସମୟରେ ରାଉରକେଲା ଗସ୍ତ କରି ଏହି କାର୍ଯ୍ୟର ଅଗ୍ରଗତିକୁ ନେଇ ଅନୁଧ୍ୟାନ କରୁଥିବା ବେଳେ ଆଜି ଏହି ଟିମ୍ ଗସ୍ତ କରି ସ୍ଥିତି ପରଖିଛନ୍ତି । ଏହି ୬ ଜଣିଆ ଅନୁଧ୍ୟାନକାରୀ ଟିମ୍‌ରେ ଅଛନ୍ତି ଏଫଆଇଏଚର କାର୍ଯ୍ୟକାରୀ ସଭାପତି ଶେଫ ଅହମ୍ମଦ, ସିଇଓ ଥିଏରୀ ଓ୍ୱେଲ, ହକି ଇଣ୍ଡିଆର ସିଓଏ ଡଃ. ଏସ.ଓ୍ୱାଇ. କ୍ୟୁରେସୀ, ହକି ଇଣ୍ଡିଆର ଜାଫେର ଇକବାଲ, ଇଡକୋର ଚେୟାରମ୍ୟାନ ତଥା ଆଇଏଏସ ହେମନ୍ତ ଶର୍ମା, ଡିଏସଓ୍ୱାଇଏସ କମିଶନର କମ୍ ସେକ୍ରେଟାରୀ ଆର. ଭିନୀଲ କ୍ରିଷ୍ଣା । ଟିମ୍ ର ଏହି ଗସ୍ତ କାଳରେ ଅନ୍ୟମାନଙ୍କ ରାଉରକେଲା ଏସପି ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

ଶାରଦୀୟ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଧର୍ମଶାଳା,୮/୦୯ (ନି.ପ୍ର): ଶାରଦୀୟ ମା' ଦୂର୍ଗା ପୂଜା ପାଇଁ ମାଟି ଅନୁକୂଳ ହୋଇଛି । ପବିତ୍ର ସୁନିଆ ଅବସରରେ ମା'ଦୂର୍ଗା ପୂଜା ପାଇଁ ମାଟି ଉଠାଣ କରାଯାଇଛି । ଯାଜପୁର ଜିଲାର ପ୍ରସିଦ୍ଧ ବଡଚଣା ବ୍ଲକ ଚଣ୍ଡିଖୋଲର ସାର୍ବଜନୀନ ପୂଜା କମିଟି ପକ୍ଷରୁ ରତିକାନ୍ତି ଓ ପରମ୍ପରା ଅନୁଯାୟୀ ମାଟି ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ତପନ ଦାସ ପୂଜାର୍ଚ୍ଚନା କରିଥିବା ବେଳେ ମୁଖ୍ୟକର୍ତା ନାରାୟଣ ସ୍ୱାଇଁ ମାଟି ଉଠାଇଥିବା ବେଳେ ଉପକର୍ତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ତ୍ରିଲୋକ୍ୟ ନାୟକ, ଧିରେନ୍ଦ୍ର ରାଉତ, ରତ୍ନାକର ବଳ, ଶେଷଦେବ ନାୟକ, ବିଜୟପାଲ ଯାଦବ, ସରପଂଚ ଅଂଜୁଲତା ସ୍ୱାଇଁ, ଯତିନ୍ଦ୍ର ଜେନା, ପ୍ରତାପ ନାୟକ, ବୈକୁଣ୍ଠ ପଲେଇଙ୍କ ସମେତ ପୂଜା କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ । ସେହିପରି ବଡଚଣାର ବିଭିନ୍ନ ସ୍ଥାନରେ ମାଟି ଉଠାଣ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅନୂରୂପଭାବେ ଧର୍ମଶାଳା ଓ ରସୁଲପୁର ବ୍ଲକର ବିଭିନ୍ନ ପୂଜା କମିଟି ପକ୍ଷରୁ ଶାରଦୀୟ ଦୂର୍ଗା ପୂଜା ନିମନ୍ତେ ମାଟି ଅନୂକୂଳ ହୋଇଛି ।

୨୦ ହଜାର ଟଙ୍କାର କାଠ ସାମଗ୍ରୀ ଜବତ ୫ ଗିରଫ

ମାଲକାନଗିରି,୮/୦୯ (ନି.ପ୍ର): ଗତ କାଲି ରାତି ପ୍ରାୟ ୧୧.୩୦ ମିନିଟ ସମୟରେ ମାଲକାନଗିରି ବନାଂଚଳ ର ଏକ ଟିମ ପ୍ରଧାନିଗୁଡା ଛକ ନିକଟରେ ରାତ୍ରକାଳିନ ପେଟ୍ରୋଲିଂ କରୁଥିବା ସମୟରେ ଗୋଟିଏ ଧଳା ରଙ୍ଗର ର ମାରୁତି ସୁଜୁକି ଓମିନି ଇକୋ ଗାଡି ଦ୍ରୁତ ଗତିରେ ଆସୁଥିବା ଦେଖି ଅଟକାଇଥିଲେ ହେଲେ ଗାଡିନ ଅଟକି ଚାଲିଯାଇଥିଲା । ଏହି ସମୟରେ ଆଉ ଏକ ଟିମ ମାଉଲିମା ମନ୍ଦିର ସାମନାରେ ଅଟକାଇବା କୁ ସକ୍ଷମ ହୋଇଥିଲେ । ଗାଡି ଯାଂଚ ସମୟରେ ଯାଣିବାକୁ ପାଇଥିଲେ ଯେ ଗାଡିରେ ଏକ ଅର୍ଧନିର୍ମିତ ଖଟ ଓ ୫ଗୋଟି ଶାଗୁଆନ ପଟା ରହିଛି । ତଦନ୍ତରେ ଗାଡି ମାଲିକ ସହ ଅନ୍ୟ ୪ଜଣ ସହଯୋଗୀ ଥିବାର ଜଣାପଡି ଥିଲା । ସେମାନେ ପଟା ଓ ଖଟ ବେଆଇନ ଭାବେ ମାଲକାନଗିରି ଜିଲ୍ଲା ସୀମାନ୍ତ ତଣ୍ଡିକି ପଂଚାୟତ ଠାରୁ ଅଳ୍ପ ଦୂରରେ ଥିବା ଛତିଶଗଡ଼ ରାଜ୍ୟ ବଡ଼ ବୁରୁଦି ରେ ତିଆରି କରି ସେଠାରୁ ମାଲକାନଗିରି ସହରର ଜୈନିକ ବ୍ୟକ୍ତି ଙ୍କୁ ଯୋଗାଉ ଥିଲେ । ଏଥି ପୂର୍ବରୁ ସେମାନେ ଚୋରାରେ କିଛି ଥର କାଠ ନିର୍ମିତସା ମଗ୍ରୀ ଯୋଗାଇ ଥିବାର ପ୍ରକାଶ କରିଥିଲେ । ଏହି ଚଢ଼ାଉ ରେ ମାଲକାନଗିରି ବନାଂଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଷୋଇ ଙ୍କ ନେତୃତ୍ୱରେ ବନପାଳ ଦେବାଶିଷ ପ୍ରଧାନ, ରମେଶ ଚନ୍ଦ୍ର ରାଉତ, ବନରକ୍ଷୀ ପି.ସନ୍ତୋଷ କୁମାର, ରବିନାରାୟଣ ଖଣ୍ଟୁଆଳ ,ଓ ପାରାଷ୍ଟାପ ଗୋବିନ୍ଦ ମାଳି,ବୃଂଦାବନ ପାଲାମ,ମନୁ ହନ୍ତାଳ ,ମଧୁ ପାଙ୍ଗି ଆଦି ଅଂଶ ଗ୍ରହଣ କରିଥିଲେ । ଗାଡି ଏବଂ ସଂପୃକ୍ତ ବ୍ୟକ୍ତି ମାନଙ୍କୁ ବନାଂଚଳ ଅଧିକାରୀ ଙ୍କ କାର୍ଯ୍ୟାଳୟରେ ଅଟକ ରଖି ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଅଧିକ ତଦନ୍ତ ଚାଲୁ ରହିଛି । ଜବତ କାଠର ଆନୁମାନିକ ମୂଲ୍ୟ ପ୍ରାୟ ୨୦,୦୦୦ ଟଙ୍କା ହେବବୋଲି ରେଞ୍ଜର ଶ୍ରୀ ବିଷୋୟୀ ପ୍ରକାଶ କରିଛନ୍ତି ।

ବିଜେପି ଯୁବ ମୋର୍ଚ୍ଚା ତରଫରୁ ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା,୮/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ତରଫରୁ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଦୁହୁରିଆ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ସଭାପତି ବିନ୍ଦୁ ସାଗର ଦାସଙ୍କ ସହ ଜିଲ୍ଲା ବିଜେପି ସାଧାରଣ ସଂପାଦକ ତଥା ଯୁବ ମୋର୍ଚ୍ଚା ପ୍ରଭାରୀ ଅଭିମନ୍ୟୁ ଗୋଛାୟତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଳିତ ବେହେରାଙ୍କ ସମେତ ସୋଭନ ଆଚାର୍ଯ୍ୟ, ମାନସ ରଞ୍ଜନ ଦାସ, ରତୀ ରଞ୍ଜନ ଜେନା, କୃଷ୍ଣା ମଣ୍ଡଳ, ତେଜେଶ୍ୱର ମଲ୍ଲ ପ୍ରମୁଖ ଉପସ୍ଥିତ ରହି ସ୍ୱାଧିନତାର ୭୫ ବର୍ଷ ପରେ ମଧ୍ୟ କେନ୍ଦ୍ରାପଡା ଜିଲ୍ଲା ଅବହେଳିତ ଓ ପଛୁଆ ଜିଲ୍ଲା ଭାବେ ଗଣତି ହେଉଛି । ଜିଲ୍ଲାର ବିକାଶ କ୍ଷେତ୍ରରେ ୨୮ନଂ ସ୍ଥାନରେ ରହିଛି । ବିଜେଡିର ୫ଜଣ ବିଧାୟକ ଓ ସାଂସଦ ରହିଥିବା ବେଳେ ଜିଲ୍ଲାର କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ଆଗେଇ ପାରୁନାହିଁ । ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ବିପର୍ଯ୍ୟସ୍ତ । ଶ୍ୟାମଗୁଡିଆ ଠାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟନ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଚିକିତ୍ସାଳୟ ସ୍ଥାନାନ୍ତରିତ ହୋଇପାରୁ ନାହିଁ । ନୂତନ ଚିକିତ୍ସାଳୟ ରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଜିନିଷପତ୍ର ଗୁଡିକ ଉପଲବ୍ଧ ହୋଇପାରି ନାହିଁ । ଅପରପକ୍ଷରେ ରାଜ୍ୟର ଅନେକ ଉପାନ୍ତ ଓ ଅନୁତନ ଜିଲ୍ଲା ମାନଙ୍କରେ ମେଡିକାଲ କଲେଜ ଥିବାବେଳେ କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇପାରିଲା ନାହିଁ । ୧୯୫୯ ମସିହା ଠାରୁ କେନ୍ଦ୍ରାପଡା କଲେଜ ରାଜ୍ୟର ସର୍ବ ବୃହତ ସରକାରୀ ଅନୁଦାନ ପ୍ରାପ୍ତ କଲେଜର ଅବହେଳା ର ସୀମା ନାହିଁ । ଏହି କଲେଜକୁ ଉଚ୍ଚ କ୍ଷମତା ସମ୍ପନ୍ନ ନାକ୍ ଟିମ ଦୁଇ ଦୁଇ ଥର ଏ ଗ୍ରେଡ୍‌ର ମାନ୍ୟତା ପ୍ରଦାନ କରିଥିବା ବେଳେ ଆବଶ୍ୟକ ଛାତ୍ର ଓ ଅନୁସଙ୍ଗିକ ଭିତିଭୂମି ଥିବା ସତ୍ତ୍ୱେ ଏହି ବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ମିଳିପାରି ନାହିଁ । ସେହିପରି ଜିଲ୍ଲା ପୋଲିସ ଓ ଅବକାରୀ ବିଭାଗର ଅପାରଗତା ଓ ସ୍ଥାଣୁତା ପାଇଁ କେନ୍ଦ୍ରାପଡା ଜିଲ୍ଲା ଆଜି ଅବାଧ ନିଶା କାରବାର ରେ ଭୂସ୍ୱର୍ଗ ପାଲଟିଛି । ଡକାୟତି, ରାହାଜାନି, ହତ୍ୟା ଭଳି ସଙ୍ଗିନ ଅପରାଧ ବହୁଳ ଭାବେ ବଢି ଚାଲିଛି ବୋଲି ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଯୁବ ମୋର୍ଚ୍ଚ ତରଫରୁ ଅଭିଯୋଗ କରାଯାଇଛି । ଉପରୋକ୍ତ ବିଷୟ ଗୁଡିକୁ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ଅବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ବିଜେପି ଯୁବ ମୋର୍ଚ୍ଚ ତରଫରୁ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ଶ୍ରୀ ଦାସ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

ଅନ୍ଧ ବିଶ୍ୱାସର କବଳରେ ଗ୍ରାମବାସୀ

ମାଲକାନଗିରି,୮/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଚିତ୍ରାଙ୍ଗପାଲି ପଂଚାୟତ ଅନ୍ତର୍ଗତ ଗୁମକାଗୁଡା ନିକଟସ୍ଥ ଏନ୍ତାଗୁଡା ଗ୍ରାମରେ ଗତ କିଛିଦିନ ହେବ କୌଣସି କାରଣରୁ କିଛି ଲୋକଙ୍କ ମୃତ୍ୟୁ ଘଟୁଛି । ଲୋକମାନେ ଅସୁସ୍ଥ ହେଉଛନ୍ତି ଡାକ୍ତରଖାନା ମଧ୍ୟ ଯାଉଛନ୍ତି ହେଲେ ଶେଷରେ ମୃତ୍ୟୁର କବଳିତ ହେଉଛନ୍ତି । ବାରମ୍ବାର ଏମିତି ହେବା ପରେ ଗ୍ରାମରେ କିଛି ଦୋଷତ୍ରୁଟି ଆଶଙ୍କା କରୁଛନ୍ତି ଅଳ୍ପ ଶିକ୍ଷିତ ଗ୍ରାମବାସୀ । ଦୋଷତ୍ରୁଟି ଦୂର କରିବା ପାଇଁ ଆରମ୍ଭ ହୁଏ ପୂଜାର୍ଚନା । ଖୋଲିଯାଏ ଭଣ୍ଡ ମାନଙ୍କ ରୋଜଗାରର ରାସ୍ତା । କେବଳ ନଡ଼ିଆ କଦଳୀ , ଭକ୍ତି ସଙ୍ଗୀତ , ନାଚଗୀତ ନୁହେଁ ଏହା ବ୍ୟତୀତ ପୁଲାପୁଲା ଟଙ୍କା ପଇସାର ଖେଳ । ଏହି ପୂଜା କଲେ କଟିବ ଗାଁର ଦୋଷ ଓ ଏମିତି ଝଡାଫୁଙ୍କା କଲେ ଦୂର ହେବ ଗାଁର ଦୋଷତ୍ରୁଟି । କାଳୀପୂଜା , ଚଣ୍ଡିପାଠର ଆଳରେ ଚାଲେ ଅନ୍ଧ ବିଶ୍ୱାସର ପ୍ରଚାର ପ୍ରସାର । ତେବେ ସେହି ଗାଁରେ ଗତ କିଛି ମାସରେ ମଲେଣି ୧୫ ଜଣରୁ ଅଧିକ । କୌଣସି ରୋଗ କାରଣରୁ ହଉ କି ଅନ୍ୟ କିଛି କାରଣରୁ ହଉ । ଗ୍ରାମବାସିଙ୍କ କହିବାନୁଯାୟୀ ମୃତ୍ୟୁ ବରଣ କରୁଛନ୍ତି ଅନେକ ଲୋକ । ନିଶ୍ଚିତ ଗାଁରେ କିଛି ନା କିଛି ବିପଦ ଘଟୁଛି ତେଣୁ ପୂଜାର୍ଚନା ମାଧ୍ୟମରେ ବିପଦକୁ ପରାସ୍ତ କରିବା ପାଇଁ ପ୍ରୟାସ କରାଯାଉଥିବା ଗ୍ରାମବାସି ପ୍ରକାଶ କରିଛନ୍ତି । ତେବେ ଗାଁରେ ହେଉଥିବା ହରିଚାନ୍ଦ ଠାକୁରଙ୍କ ପୂଜାକୁ ବି ଗ୍ରାମବାସି ମାନେ ଭକ୍ତିର ସହ ପୂଜା କରୁଛନ୍ତି । ଗାଁର ଛୋଟ ପିଲା ଠୁଁ ଆରମ୍ଭ କରି ବଡ ପର୍ଯ୍ୟନ୍ତ ସମସ୍ତେ ବସି ପୂଜା କରୁଛନ୍ତି । ଏହି ଠାକୁରଙ୍କ ପୂଜା କଲେ କଟିବ ଗାଁର ଦୋଷତ୍ରୁଟି ଓ ଲୋକଙ୍କ ମୃତ୍ୟୁ ମଧ୍ୟ ବନ୍ଦ ହୋଇଯିବ ବୋଲି ପ୍ରକାଶ କରିଛନ୍ତି ପୂଜା କରୁଥିବା ଠାକୁରଙ୍କ ଅନୁଗାମୀ ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ସକାଶେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା ,୮/୦୯ (ନି.ପ୍ର): ଚଳିତ ୨୦୨୨-୨୦୨୩ ବର୍ଷର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡୋଳାମଣି ପଟେଲ , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମେହେରୁନ୍ନିସା ବେଗମ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଜିଲ୍ଲା , ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଜିଲ୍ଲା ନିୟୋଜନ ଅଧିକାରୀ ସଙ୍ଗୀତା ମେହେର , ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ , ପୌରପାଳିକା ନିର୍ବାହୀ ଅଧିକାରୀ , ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ , ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ସମ୍ପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଅନୁଷ୍ଠିତ ହେବାକୁ ଥିବା ଶିବିରରେ ଆନୁସଙ୍ଗିକ ଫର୍ମ, କମ୍ପୁଟର ଓ ବିଦ୍ୟୁତ ସଂଯୋଗ ଓ ଆବଶ୍ୟକୀୟ ବ୍ୟବସ୍ଥା ଉପଲବ୍ଧ ରଖାଯିବା ସହ ଭିନ୍ନକ୍ଷମ ହିତାଧିକାରୀମାନଙ୍କ ସକାଶେ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ଉପକରଣ, ବସପାସ, ଟ୍ରେନ ପାସ, ୟୁନିକ୍ ବିକଳାଙ୍ଗତା ପ୍ରମାଣ ପତ୍ର ଇତ୍ୟାଦି ପ୍ରଦାନ କରାଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ନିଜ ନିଜ ଅଂଚଳରେ ସଠିକ ହିତାଧିକାରୀ ଚିହ୍ନଟ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଶିବିରର ସଫଳ ଆୟୋଜନ ପାଇଁ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶିବିର ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଯାଦବ ସମାଜର ଏନଏସି ସ୍ତରୀୟ ନୂଆଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ନୂଆପଡ଼ା,୮/୦୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ କଲ୍ୟାଣ ମଣ୍ଡପ ୨ ଠାରେ ଖଡ଼ିଆଳ ନଗର ର ତେର ଗୋଟି ୱାର୍ଡ ର ସଦସ୍ୟଙ୍କୁ ନେଇ ଆଗାମୀ ଦିନରେ ହେବା କୁ ଥିବା ନୂଆ ଖାଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୈଠକ ରେ ନଗର ସଭାପତି ଶୁକ୍ରୁ ବାଗ ସଭାପତିତ୍ୱ କରିଥିବା ବେଳେ । ଅସନ୍ତା ଅକ୍ଟୋବର ୯ ତାରିଖ ରେ ନୂଆଖାଇ ଭେଟ ଘାଟ କାର୍ଯ୍ୟ କ୍ରମ ସ୍ଥିର କରାଯାଇଛି । ଏବଂ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ଏବଂ ଏଥିରେ ସମାଜ କୁ ସୁନ୍ଦର ସଦୃଢ଼ କରି ଗଠନ କରିବା ସହ ଏକତା ର ବନ୍ଧନ ରେ ବାନ୍ଧି ରଖିବା ପାଇଁ ଏହି ନୂଆଖାଇ ଭେଟଘାଟ ଅନୁଷ୍ଠିତ ହେବ ବୋଲି ମତ ପ୍ରକାଶ କରିଥିଲେ । ଏହି ବୈଠକ ରେ ଘାସିରାମ ଭୋଇ,ପ୍ରହଲ୍ଲାଦ ପୋଢ଼,ରାଜ ହଂସ, ସୁନିଲ କୁମାର ନାଗ, ମନୋଜ ହଂସ, ସାଗର ଭୋଇ,ଶେଫାଳୀ ସଲମା,ରବି କାନ୍ତ ଠେ ଲା, ଅଶୋକ ବାଗ, କିଶୋର କଠାର ,,ଜୟସିଂହ କେତକୀ, ଶ

କୃଷକଙ୍କ ମାଧ୍ୟମରେ ମହୁମାଛି ସଂରକ୍ଷଣ ଅଭିଯାନ

ଜଳବାୟୁ ପ୍ରଦୂଷଣ, ବିଶ୍ୱତାପନ ଆଦି ଯୋଗୁଁ ମହୁମାଛିର ଜୀବନ-ଚକ୍ର ପ୍ରଭାବିତ ହେଉଛି । ଏହାର କୁ- ପରିମାମସ୍ୱରୂପ ଏହି ଉପକାରୀ କୀଟ ସଂଖ୍ୟା କମିବାରେ ଲାଗିଛି । ମହୁମାଛିର ବିଲୋପନ ମଣିଷ ସଭ୍ୟତାକୁ ବି ଲୋପ କରିଦେଇପାରେ । କାରଣ, ମହୁମାଛି ବିନା ପରାଗସଂଗମ ହେବନାହିଁ, କୃଷି ପ୍ରଭାବିତ ହେବ । ଖାଦ୍ୟର ଅଭାବ ଘଟିବ । ପ୍ରଥମେ ପ୍ରାଣୀ ଜଗତ ଭୋଗିବ ଏବଂ ଶେଷରେ ମଣିଷ । ଏ ଦିଗରେ ସଚେତନତା ସୃଷ୍ଟି କରୁଛି- 'ଅଣ୍ଡର ଦ ମ୍ୟାଙ୍ଗୋ ଟିକ୍' (ସଂକ୍ଷେପରେ ୟୁଟି,ମଟି) ସ୍ୱେଚ୍ଛାସେବୀ ସଂଗଠନ । ଭାରତ ଏକ କୃଷି-ପ୍ରଧାନ ଦେଶ । କୃଷିର ବିକାଶ ବିନା ଆମର ଅଗ୍ରଗତି ଅସମ୍ଭବ । ତେଣୁ, ଏହି ସଂଗଠନ ପକ୍ଷରୁ ମୁଖ୍ୟତ୍ୱ କୃଷିଜୀବୀଙ୍କ ମାଧ୍ୟମରେ ମହୁମାଛି ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଉଛି । ମହୁମାଛି ସଂରକ୍ଷଣ ଆମ ପାଇଁ ପ୍ରାଥମିକତା ଏକ ଦ୍ୱାରା କୃଷି ତଥା କୃଷକଙ୍କ ବିକାଶ ସଂଭବ । କୃଷକ, ମହୁମାଛି ପାଳନ କଲେ ମହୁ ବିକ୍ରିରୁ ଅଧିକ ଉପାର୍ଜନ କରିବ ଏବଂ କୃଷିର ବିକାଶ ମଧ୍ୟ ହେବ । ଭାରତୀୟ କୃଷକ ପାଇଁ ବଜାର ହେଉଛି ସବୁଠାରୁ ପଡ଼ ସମସ୍ୟା । ଉତ୍ପାଦର ଉଚିତ ମୂଲ୍ୟ ପାଉ ନ ଥିବାରୁ କୃଷକଙ୍କ ଆର୍ଥିକ ଅବସ୍ଥା ଅପରିବର୍ତ୍ତିତ ରହିଛି । ଖାଉଟି ଉତ୍ପାଦ ବାବଦକୁ ଦେଉଥିବା ଅର୍ଥର ମାତ୍ର ପଚିଶ ପ୍ରତିଶତ କୃଷକ ପାଏ । ଦଲାଲମାନେ ହିଁ ଲାଭବାନ ହୁଅନ୍ତି । ତେଣୁ, କୃଷିଜାତ ଦ୍ରବ୍ୟର ବିକ୍ରି ପାଇଁ ମଧ୍ୟ ଗୁରୁତ୍ୱ ଦେଉଛି ୟୁଟିଏମଟି । ପରିବେଶ ସଚେତନତା, କୃଷି ଓ କୃଷକର ବିକାଶ ଆଦି ଲକ୍ଷ ନଜେ ସମାଜସେବୀ ବିଜୟା ପଣ୍ଡାଲାଙ୍କ ନେତୃତ୍ୱରେ ୟୁଟିଏମଟି ଅଭିଯାନ ଜଳାଇଛି ।

ବିଶ୍ୱବିଦ୍ୟାଳୟରୁ ମିଳିବ 'ଆଦର୍ଶ ବୋହୂ' ପ୍ରମାଣପତ୍ର !

ଏଣିକି 'ଆଦର୍ଶ ବୋହୂ'ର ଯୋଗ୍ୟତା ପ୍ରମାଣପତ୍ର ଧରି ଝିଅମାନେ ଶାଶୁଘରକୁ ଯାଇପାରିବେ । ବୋହୂ ଖୋଜିବା ପୂର୍ବରୁ ମଧ୍ୟ 'ଆଦର୍ଶବୋହୂ' ଡିଗ୍ରିଧାରୀମାନେ ପ୍ରଥମ ହେବେ । ଏମିତି ସୁଯୋଗ ସୃଷ୍ଟି ପାଇଁ ଭୋପାଳର ବରକତଉଲ୍ଲାହ ବିଶ୍ୱବିବିଦ୍ୟାଳୟ ପକ୍ଷରୁ ନିଆଯାଇଥିବା ଏକ ନିଷ୍ପତ୍ତି ଏବେ ଚର୍ଚ୍ଚାରେ ଆଗାମୀ ଶିକ୍ଷା ବର୍ଷରୁ ବିଶ୍ୱବିଦ୍ୟାଳୟରେ ' ଆଦର୍ଶ ବୋହୂ' ପାଠ୍ୟକ୍ରମ ପ୍ରଚଳନ ହେବ । ତିନି ମାସ ଅବଧିର ଏହି ପାଠ୍ୟକ୍ରମରେ ନାଁ ଲେଖାଇବା ଲାଗି ପ୍ରଥମ ବର୍ଷ ମାତ୍ର ତିରିଶ ଜଣଙ୍କୁ ସୁଯୋଗ ମିଳିବ । ସମାଜ ବିଜ୍ଞାନ, ମନବିଜ୍ଞାନ ଓ ମହିଳା ଶିକ୍ଷା ବିଭାଗର ପାଠ ପଢ଼ାଯିବ । ତେବେ, ଏଥିପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ଥିର ହୋଇ ନ ଥିବା ପ୍ରକାଶ । ଆଦର୍ଶ ବୋହୂର ଗୁଣ ଓ କର୍ତ୍ତବ୍ୟ, ଆଚାର-ବ୍ୟବହାର, ସାମାଜିକ ଦାୟିତ୍ୱ ବାବଦରେ ଅବଗତ କରାଇବା ଏବଂ ଏକ ଭିନ୍ନ ପରିବେଶରେ ଆନନ୍ଦର ସହିତ ଚଳିବାର ଜ୍ଞାନ ହାସଲ କରିବା, ଏହି ପାଠ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ବୋହୂମାନେ ଏହା ଦ୍ୱାରା ସଚେତନ ହେବେ ଏବଂ ପାରିବାରିକ ଅଶାନ୍ତି କମିବ ଆଶା କରାଯାଏ ।

ପରିବେଶକୁ ସୁହାଇଲା ପରି ଘର

ଶବ୍ଦ ପ୍ରଦୂଷଣ କାରଣରୁ ସମସ୍ତେ ବର୍ତ୍ତମାନ ଚିନ୍ତିତ । ରୋବ୍ୟାଧି ବଢ଼ିବା ସହ ପରିବେଶରେ ମଧ୍ୟ ଏକ ବିରାଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଏଣୁ ପ୍ରଦୂଷଣକୁ ଯଥାସମ୍ଭବ ରୋକିବା ନିମନ୍ତେ ସଂଖ୍ୟାଧିକ ପଦକ୍ଷେପ ନିଆଯାଉଛି । ଏଇ ୨ବର୍ଷ ତଳେ ଚୀନର ଏକ କମ୍ପାନୀ 'ଇକୋ - ଫ୍ରେଣ୍ଡଲି ଇଣ୍ଟେରିୟର' ପ୍ରଚଳନ କରାଇଛି । ସମସ୍ତ ପ୍ରକାର ବର୍ଜ୍ୟବସ୍ତୁର ବ୍ୟବହାର କରାଯାଇ ପରିବେଶକୁ ସୁହାଇଲା ଭଳି ସମାଗ୍ରୀମାନ କମ୍ପାନୀ ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାପତ୍ର ଇତ୍ୟାଦି ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାବପତ୍ର ଇତ୍ୟାଦି ଇତ୍ୟାଦି ।

ରାତିରେ କେଶ ସଫା କରିବା ଅନୁଚିତ



ସକାଳର ସ୍ୱଚ୍ଛ ସମୟକୁ ବଞ୍ଚାଇବା ଉଦ୍ଦେଶ୍ୟରେ ଅଧିକାଂଶ ବ୍ୟକ୍ତି ରାତିରେ ହିଁ କେଶ ସଫା କରି ଦିଅନ୍ତି । ବୋଧହୁଏ ଆପଣ ଜାଣନ୍ତି ନାହିଁ, ଏହା କରିବା ଆପଣଙ୍କ କେଶ ପାଇଁ ହୋଇପାରେ କ୍ଷତିକାରକ । ଏକ ଗବେଷଣାରୁ ଜଣାପଡ଼ିଛି ଯେ, ରାତି ସମୟରେ କେଶ ଧୋଇବା ଦ୍ୱାରା ଅଧିକ ପରିମାଣରେ କେଶ ଝଡ଼ିଥାଏ । କାରଣ ରାତିରେ କେଶ ଧୋଇବା ଦ୍ୱାରା ଏହା ଭଲ ଭାବରେ ଶୁଖି ନଥାଏ ଏବଂ ଓଦା ରହିବା ଯୋଗୁଁ ଏହାର ମୂଳ ଅତ୍ୟନ୍ତ ନରମ ହୋଇଥାଏ । ଯାହା ଫଳରେ ଅଧିକ ପରିମାଣରେ କେଶ ଝଡ଼ିଥାଏ । ଯଦି ଆପଣ ଓଦା କେଶରେ ଶୁଅନ୍ତି କିମ୍ବା ଶୋଇବା ସମୟରେ ବାରମ୍ବାର କଡ ନେଉଟାଇବା ଦ୍ୱାରା ଓଦା କେଶ ଅଧିକ ମାତ୍ରାରେ ଦେଖା ଦେଇଥାଏ । ଯଦି ଆପଣଙ୍କ କେଶ ସମ୍ପୂର୍ଣ୍ଣ ଭାବରେ ଶୁଖି ନଥାଏ ତେବେ ଆପଣ କରିଥିବା ହେୟାର ଷ୍ଟାଇଲ ଖରାପ ହୋଇଯିବାର ଅଧିକ ସମ୍ଭାବନା ଦେଖା ଦେଇଥାଏ । ତେବେ ଏହାର ଗୋଟିଏ ମାତ୍ର ଉପାୟ ହେଲା, ଯଦି ଆପଣ ରାତିରେ କେଶ ଧୋଉଛନ୍ତି, ତାହା ହେଲେ ତାକୁ ଭଲ ଭାବରେ ଶୁଖାଇବା ପୂର୍ବରୁ ଶୁଅନ୍ତୁ ନାହିଁ ।

ପେଟ ଭିତରୁ ବାହାରିଲା ୧୨୨ଲୁହା କଣ୍ଟା

ଜଣେ ବ୍ୟକ୍ତିଙ୍କ ପେଟରୁ ଲୁହା କଣ୍ଟା, କାଚ ବାହାରିବା ଏବଂ ଏହାସତ୍ତ୍ୱେ ସେ ସୁସ୍ଥ ଥିବା ସହଜରେ ବିଶ୍ୱାସ କରି ହୁଏ ନାହିଁ । ହେଲେ ଇଥୋପିଆର ଡାକ୍ତରମାନେ ୩୩ବର୍ଷୀୟ ଜଣେ ରୋଗୀଙ୍କ ପେଟରୁ ଏହା ବାହାର କରିଛନ୍ତି । ପେଟ ଭିତରେ ଏଭଳି ବସ୍ତୁ ରହିଥିଲେ ତାହା ଡାକ୍ତରମାନଙ୍କୁ ଚକିତ କରିଛି । ସେଣ୍ଟ ପିଟର ସ୍ପେଶିଆଲାଇଜଡ୍ ଡାକ୍ତରଖାନାର ଡାକ୍ତରମାନଙ୍କ କହିବା ଅନୁସାରେ ଏହି ବ୍ୟକ୍ତି ଜଣକ ଗତ ୧୦ବର୍ଷ ଧରି ମାନସିକ ରୋଗରେ ଆକ୍ରାନ୍ତ ଥିଲେ । ୨ବର୍ଷ ହେବ ସେ କୌଣସି ଔଷଧ ମଧ୍ୟ ଖାଉନଥିଲେ । ମୁଣ୍ଡ ଖରାପ ହୋଇଥିବା ଦୃଷ୍ଟିରୁ ସେ ଲୁହା କଣ୍ଟା, କାଚ, ଦାନ୍ତଖୁଣ୍ଟା ଆଦି ଗିଳି ଦେଉଥିଲେ । ସୌଭାଗ୍ୟବଶତ ତାଙ୍କ ପେଟରେ କୌଣସି ସଂକ୍ରମଣ ହୋଇନାହିଁ । ଦୀର୍ଘ ଦୁଇ ଘଣ୍ଟାର ଅପରେସନ ପରେ ତାଙ୍କ ପେଟରୁ ୧୦ ସେଣ୍ଟିମିଟର ୧୨୨ଟି କଣ୍ଟା, ୪ଟି ପିନ୍, କିଛି ଦାନ୍ତଖୁଣ୍ଟା ଏଂ କାଚ ବାହାରିଛି । ବର୍ତ୍ତମାନ ସେ ବିପଦ ମୁକ୍ତ ଥିବା ଡାକ୍ତରମାନେ କହିଛନ୍ତି ।

ମହିଳାଙ୍କ ଦ୍ୱାରା ପରିଚାଳିତ ଖବରକାଗଜ

'ଖବର ଲହରୀୟା' ଉତ୍ତର ପ୍ରଦେଶର ବୁନ୍ଦେଲଖଣ୍ଡ ଅଞ୍ଚଳରେ ବହୁଳ ପ୍ରସାରିତ ଏକ ସାପ୍ତାହିକ ଖବରକାଗଜ । ବୁନ୍ଦେଲୀ ଭାଷାରେ ପ୍ରକାଶିତ ଏହି ଖବରକାଗଜ ସଂପୂର୍ଣ୍ଣ ଭାବେ ମହିଳାଙ୍କ ଦ୍ୱାରା ପରିଚାଳିତ ମୁଦ୍ରାଣ ଓ ପ୍ରସାରଣ ମଧ୍ୟ ମହିଳାମାନେ ବୁଝୁଛନ୍ତି । 'ନିରନ୍ତର' ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତ୍ୟକ୍ଷ ପ୍ରୋତ୍ସାହନାରେ ୨୦୦୨ରେ ଏହି ସାପ୍ତାହିକ ଖବରକାଗଜ ଗ୍ରାମ୍ୟ ମହିଳାଙ୍କ ମୁଖପାତ୍ର ଗ୍ରାମୀଣ ଭାରତର ମହିଳାମାନେ ଭୋଗୁଥିବା ସମସ୍ୟା, ସେମାନଙ୍କ ସଂପର୍କିତ ଖବର, ସେମାନଙ୍କ ପାଇଁ ଉପଦେଶ ଆଦିରେ ଏହି ଖବରକାଗଜର ପୃଷ୍ଠାଗୁଡ଼ିକ ପରିପୁଷ୍ଟ । 'ଖବର ଲହରୀୟା' ପାଇଁ କାର୍ଯ୍ୟ କରୁଥିବା ସାମ୍ବାଦିକ, ସହ-ସଂପାଦିକା ଆଦି ଉଚ୍ଚଶିକ୍ଷିତା ନୁହନ୍ତି । ତେବେ, ସେମାନଙ୍କ କାର୍ଯ୍ୟଧାରା ସ୍ୱତନ୍ତ୍ର । ସେମାନଙ୍କ ରଚନା ଶୈଳୀ ସାଧାରଣ । ଚିତ୍ରକୂଟ ଜିଲ୍ଲାର ଛଅ ଶହ ଗ୍ରାମରେ ଏହି ସମ୍ବାଦପତ୍ର ପ୍ରସାରିତ। ପାଠକ ସଂଖ୍ୟା ଅଶୀ ହଜାରରୁ ଅଧିକ । ଦଳିତ, କୋଲ ଓ ମୁସଲମାନ ସଂପ୍ରଦାୟର ମହିଳାମାନେ ଏହି ଖବରକାଗଜର ପ୍ରକାଶନ ସହ ସଂପୃକ୍ତ ।

ଦେଖିବା ଶୁଣିବା ଶକ୍ତି ହ୍ରାସ କରେ ଷ୍ଟ୍ରୋକ୍

ବିଶ୍ୱସ୍ତରରେ ବ୍ୟପିଥିବା ଅନେକ ପ୍ରାଣଘାତକ ରୋଗ ମଧ୍ୟରୁ ଗୋଟିଏ ହେଉଛି ବ୍ରେନ୍ ଷ୍ଟ୍ରୋକ୍ । ଏହା ଏତେ ବିପଜ୍ଜନକ ଯେ, ଧୀରେ ଧୀରେ ଲୋକଙ୍କୁ ନିଜ କବ୍ଜାକୁ ନେଇଆସେ । ଆଜି ପରିସ୍ଥିତି ଏଭଳି ହୋଇଛି, ଯେଉଁଠି ପ୍ରତି ୬ଜଣଙ୍କ ମଧ୍ୟରେ ଜଣେ ଏହି ରୋଗର ଶିକାର ହେଉଛନ୍ତି । ୬୦ ବୟସରୁ ଉର୍ଦ୍ଧ୍ୱ କିଛି ଲୋକଙ୍କ ମୃତ୍ୟୁର କାରଣ ମଧ୍ୟ ସାଜିଥାଏ ବ୍ରେନ୍ ଷ୍ଟ୍ରୋକ୍ । ବିଶେଷଜ୍ଞ ଅନୁସାରେ, ଷ୍ଟ୍ରୋକ୍ ଆସିବା ପରେ ୭୦ ପ୍ରତିଶତ ରୋଗୀ ଶୁଣିବା ଏବଂ ଦେଖିବା ଶକ୍ତି ହରାଇବସାନ୍ତି । ଅନ୍ୟ ୩୦ ପ୍ରତିଶତ ରୋଗୀ ଅନ୍ୟ ଲୋକଙ୍କ ସାହାରାରେ ବଞ୍ଚିବାକୁ ମାଧ୍ୟ ହୁଅନ୍ତି । ସାଧାରଣ ଭାବେ ଯେଉଁ ଲୋକେ ହୃଦରୋଗରେ ପୀଡ଼ିତ ଥାନ୍ତି, ସେମାନଙ୍କ ମଧ୍ୟରେ ୨୦ ପ୍ରତିଶତଙ୍କୁ ଷ୍ଟ୍ରୋକ୍ ସମସ୍ୟା ଥାଏ । ଧର୍ମଶିଳା ନାରାୟଣ ସୁପରସ୍ପେଶାଲିଟି ହସ୍ପିଟାଲର ସିନିୟର କନସଲଟାଣ୍ଟ, ନ୍ୟୁରୋ-ସର୍ଜରୀ ଡ. ଆଶିଷ କୁମାର ଶ୍ରୀବାସ୍ତବଙ୍କ ମତରେ, ମସ୍ତିଷ୍କରେ କୌଣସି କାରଣରୁ ଶକ୍ତିର ଅପୂର୍ତ୍ତି ତଥା ଗମ୍ଭୀର ରୂପେ କମ ହେବା ଦ୍ୱାରା ଷ୍ଟ୍ରୋକ୍ ହୋଇଥାଏ । ଫଳରେ ଏଠାରେ ଅକ୍ସିଜେନ୍ ଏବଂ ପୋଷାକ ତତ୍ତ୍ୱର ଅଭାବ ଦେଖାଯାଏ । କିଛି ସମୟ ମଧ୍ୟରେ ମସ୍ତିଷ୍କର କୋଷିକା ମୃତପ୍ରାୟ ଅବସ୍ଥା ଚାଲିଯାନ୍ତି । ତେଣୁ ସମୟ ପୂର୍ବରୁ ରୋଗୀର ଉପଚାର କରାଇନେଲେ, ତାହା ସାମାନ୍ୟ ପରିସ୍ଥିତିକୁ ଚାଲିଆସେ । ନଚେତ୍ ମୃତ୍ୟୁ ଅଥବା ସ୍ଥାୟୀ ବିକଳାଙ୍ଗତା ଅବଶ୍ୟମ୍ଭାବୀ ।



ଅନଲାଇନରେ ମିଳିବ ସିମେଣ୍ଟ

ଅନଲାଇନରେ ଏବେ ପୋଷାକପତ୍ର ଠାରୁ ଆରମ୍ଭ କରି ଗ୍ୟାଜେଟ୍. ବହିପତ୍ର, ଆସବାପତ୍ର ଆଦି ସବୁକିଛି ମିଳିଛି । ଏଣିକି ପ୍ରଥମଥର ପାଇଁ ଗ୍ରାହକମାନେ ଅଲଲାଇନରେ ସିମେଣ୍ଟ ବି କିଣି ପାରିବେ । ରିଲାଏନ୍ସ ଇନଲାଇନରେ ସିମେଣ୍ଟ ବି କିଣିପାରିବେ । ରିଲାଏନ୍ସ ଇନଫ୍ରାଷ୍ଟ୍ରକଚର ସହଯୋଗୀ କମ୍ପାନିରିଲାଏନ୍ସ ସିମେଣ୍ଟ ଏହି ବ୍ୟବସ୍ଥା ଆରମ୍ଭ କରିଦେଇଛି । ଅନଲାଇନରେ ସିମେଣ୍ଟ ବିକ୍ରି ଆରମ୍ଭ କରି ଇ- କମର୍ସ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିଥିବା ରିଲାଏନ୍ସ ପକ୍ଷରୁ କୁହାଯାଇଛି । କିନ୍ତୁ ପ୍ରଥମ ପର୍ଯ୍ୟାୟ ଭାବେ ରିଲାଏନ୍ସ ପକ୍ଷରୁ ଏଭଳି ଅନଲାଇନ ସିମେଣ୍ଟ ବିକ୍ରି ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଉପଲବ୍ଧ ହୋଇଛି । କମ୍ପାନୀର ମୁଖପାତ୍ର କୁହନ୍ତି, ଭାରତରେ ଏବେ ସିମେଣ୍ଟ କିଣା ଅତ୍ୟନ୍ତ ସହଜ ହୋଇପାରିଛି । ଲୋକଙ୍କୁ ଆଉ ସିମେଣ୍ଟ ଷ୍ଟୋରକୁ ଯିବାକୁ ପଡ଼ିବ ନାହିଁ । ପୋଷାକପତ୍ର ଓ ଗ୍ୟାଜେଟ୍ ଭଳି ଗ୍ରାହକମାନେ ସିମେଣ୍ଟ ମଧ୍ୟ ଅନଲାଇନ କିଣିପାରିବେ । ତେବେ ଏହି ଇ-ଟେଲିଂ ବ୍ୟବସ୍ଥାରେ ଲୋକାମନେ ସର୍ବନିମ୍ନ ୨୫ବ୍ୟାଗ୍ ପାଇଁ ଅର୍ଡର ଦେଇପାରିବେ, ଯାହା କି ୪୮ ଘଣ୍ଟା ମଧ୍ୟରେ ଡେଲିଭରି ହୋଇଯିବ ବୋଲି କମ୍ପାନୀ ମୁଖପାତ୍ର କହିଛନ୍ତି । କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ରିଲାଏନ୍ସ ସିମେଣ୍ଟର ପ୍ରତ୍ୟେକ ବ୍ୟାଗରେ ଏକ ସ୍ୱତନ୍ତ୍ର କ୍ୟୁଅର କୋଡ଼ ରହିଛି । ଲୋକମାନେ ସ୍ମାର୍ଟଫୋନ୍ ବ୍ୟବହାରକାରୀ ଏହି କୋଡକୁ ସ୍କାନ କରି ଉତ୍ପାଦ ଓ ଏହାର ଗୁରବତ୍ତା ସମ୍ପର୍କରେ ତନଖି କରିପାରିବେ ।

ଝିଅ ପିଲାଙ୍କ ସୁରକ୍ଷିତ ଯାତ୍ରା ପାଇଁ ଦମ୍ପତିଙ୍କ ନିଆରା ପଦକ୍ଷେପ

୨ବର୍ଷ ତଳେ ଶିଶୁରୋଗ ବିଶେଷଜ୍ଞ ଡକ୍ଟର ରାମେଶ୍ୱର ପ୍ରସାଦ ଯାଦବ ରାଜସ୍ଥାନର ନିଜ ଗ୍ରାମ ଚୁରିକୁ ଯାଉଥିଲେ । ଏହି ସମୟରେ ରାସ୍ତାରେ ବର୍ଷାରେ ଓଦା ହେଉଥିବା ୪ଜଣ ଝିଅଙ୍କୁ ଦେଖିଥିଲେ । ପରେ ତାଙ୍କ ପତ୍ନୀ ଏହି ଝିଅଙ୍କୁ ନିଜ ଗାଡିରେ ଲିଫ୍ଟ ଦେଇଥିଲେ । ଯାତ୍ରା ସମୟରେ ଝିଅମାନେ କହିଥିଲେ ଯେ, ୧୮ କିଲୋମିଟର ଦୂରରେ କଲେଜ ଥିବାରୁ ଆମକୁ ଯିବାକୁ ବଡ଼ ଅସୁବିଧା ହେଉଛି । ୩/୪ କିଲୋମିଟର ପାଦରେ ଚାଲିବା ପରେ କୋଟପୁତଲିକୁ ଯିବାକୁ ବସ୍ ମିଳୁଛି । ବସରେ ମଧ୍ୟ ଆମେ ନିୟମିତ ଅସଦାଚରଣ ଶିକାର ହେଉଛୁ । ଏହିଘଟଣା ଶୁଣିବା ପରେ ଡକ୍ଟର ଦମ୍ପତିଙ୍କର ହୃଦୟ ତରଳି ଯାଇଥିଲା । ଡାକ୍ତର ରାମେଶ୍ୱରଙ୍କ କହିବା ଅନୁସାରେ ଘରେ ପହଞ୍ଚିବା ପରେ ପତ୍ନୀର ମୋତେ ପଚାରିଥିଲେ ଯେ, ଆମେ କ'ଣ ଏହି ସମସ୍ୟାର ସମାଧାନ କରିପାରିବା ନାହିଁ? ସେ ଆହୁରି କହିଥିଲେ ଯଦି ଆଜି ଆମର ଝିଅ ବଞ୍ଚିଥାନ୍ତା ତେବେ ତାହାର ପାଠ ପଢ଼ା ଓ ବିବାହ ପାଇଁ ଆମେ କ'ଣ ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରିନଥାନ୍ତେ? ଏହାପରେ ରାମେଶ୍ୱର ନିଷ୍ପତ୍ତି ନେଇଥିଲେ ଯେ ଝିଅ ପିଲାଙ୍କ ପାଇଁ ଏକ ବସ୍ କିଣିବାର । ନିଜ ପିଏଫ୍ ଆକାଉଣ୍ଟରୁ ୧୭ଲକ୍ଷ ଏବଂ ସେଭିଂରୁ ୨ଲକ୍ଷ ମିଶାଇ ସେମାନେ ଏକ ବସ୍ କିଣିଥିଲେ । ବର୍ତ୍ତମାନ ଏହି ବସ୍ ଜୟପୁର ଜିଲାର ଚୁରି, ପାଓ୍ୱାଲା, କାୟମପୁରୀ ବାସ ଏବଂ ବନେତି ଗ୍ରାମର ଝିଅଙ୍କୁ କଲେଜକୁ ନେଉଛି ଏବଂ କଲେଜରୁ ଡ୍ରପ୍ କରୁଛି । ଡାକ୍ତର ଦମ୍ପତିଙ୍କ ଏହି ଉଦ୍ୟମକୁ ସମସ୍ତେ ଭୁରିଭୁରି ପ୍ରଶଂସା କରୁଛନ୍ତି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବର୍ଷା ଛାଡ଼ିଛି ସ୍ମୃତି ଅଣାୟତ...

ଭାରତର ସିଲିକନ୍ ଭ୍ୟାଲି କୁହାଯାଉଥିବା ବେଙ୍ଗାଲୁରୁରେ ସୃଷ୍ଟି ହୋଇଛି ମହାପ୍ରଳୟ । ଅବିଶ୍ରାନ୍ତ ବର୍ଷା ହେତୁ ସେଠାରେ ଅଭୁତପୂର୍ବ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି । ସମଗ୍ର ବେଙ୍ଗାଲୁରୁ ସହରରେ ଉବୁଟୁବୁ ଅବସ୍ଥା । ଏଭଳି ଅବସ୍ଥା ହୋଇଛି, ଅତ୍ୟାଧୁନିକ ସଭ୍ୟ ସମାଜର ସୁବିଧା ସୁଯୋଗ ସତ୍ତ୍ୱେ କେବେ କର୍ଣ୍ଣାଟକ ରାଜଧାନୀ ସମ୍ଭବତଃ ପ୍ରତ୍ୟକ୍ଷ କରି ନଥିଲା । ଯୁଆଡ଼େ ଦେଖିବ ପାଣି ଆଉ ପାଣି । ବର୍ଷା ଓ ବନ୍ୟା ଜଳସୃଷ୍ଟି କରିଛି ବନ୍ୟାର ଭ୍ରମ । ଆଇ.ଟି. ହବ୍ ହୋଇଥିବାରୁ କର୍ମଚାରୀମାନେ ଆଣ୍ଠୁଏ ପାଣିରେ ଟ୍ରାକ୍ଟର, କ୍ରେନ୍ ସାହାଯ୍ୟରେ ବଡ଼ କଷ୍ଟରେ କର୍ମସ୍ଥଳରେ ପହଞ୍ଚୁଥିବା ବିକଳ ଦୃଶ୍ୟ ସମସ୍ତେ ଦେଖୁଛନ୍ତି । ଏଭଳି କଷ୍ଟକର ସମୟ କେତେକାଳ ଲାଗି ରହିବ ତାହା କାହାକୁ ଜଣା ନଥିବାବେଳେ ଆଉ ଅଧିକ ତିନି-ଚାରିଦିନ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଅର୍ଥାତ୍ ବର୍ତ୍ତମାନ ଦୁର୍ଯୋଗର ଶିକାର ହେଉଥିବା ଆବାଳବୃଦ୍ଧବନିତାଙ୍କ କଷ୍ଟ ବହୁଗୁଣ ବଢ଼ିଯିବ । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଏଭଳି ବର୍ଷା ଓ ବନ୍ୟା ପାଇଁ ପୂର୍ବତନ କଂଗ୍ରେସ ସରକାରକୁ ଦାୟୀ କରିବାକୁ ଭୁଲି ନାହାନ୍ତି । ବେଙ୍ଗାଲୁରୁରେ ଯୋଜନାହୀନ ଜଳ ନିଷ୍କାସନ ପାଇଁ ପୂର୍ବ ସରକାରକୁ ଦାୟୀ କରିଥିବା ବୋମାଇ ସମ୍ଭବତଃ ଭୁଲି ଯାଇଛନ୍ତି ଯେ, ଏହା ଭିତରେ ତାଙ୍କ ସମେତ ଦୁଇ-ଦୁଇଟି ଅଣ-କଂଗ୍ରେସ ସରକାର ଯାଇଛି । ସେମାନଙ୍କର ଅଦୂରଦର୍ଶୀ ନୀତିର ସେ ବାବଦରେ କିଛି ଦାୟିତ୍ୱ ଅବଶ୍ୟ ଥିବ । କଂଗ୍ରେସ ପକ୍ଷରୁ ବୋମାଇଙ୍କର ଯୁକ୍ତିକୁ ଅବଶ୍ୟ ଖଣ୍ଡନ କରାଯାଇଛି । ମାତ୍ର ଦଳଗୁଡ଼ିକ ଭିତରେ ଖୁମ୍ପାଖୁମ୍ପି ଭିତରେ ଛଟପଟ ହେଉଛନ୍ତି ଜନସାଧାରଣ ଏହା ଭିତରେ ଏକାଧିକ ପ୍ରାଣ ବିଦ୍ୟୁତ୍ ଆଘାତରେ ଗଲାଣି, ଦୁଇ କନେଷ୍ଟବଳଙ୍କୁ ମିଶି ପାଞ୍ଚ-ଛଅଜଣଙ୍କର ମୃତ୍ୟୁ ହୋଇସାରିଲାଣି । ପ୍ରଶାସନ ଏଭଳି ଅଭାବନୀୟ ଅବସ୍ଥା ପାଇଁ ଆଦୌ ପ୍ରସ୍ତୁତ ନଥିବାରୁ କିଭଳି ବର୍ଷା-ବନ୍ୟା ତାଣ୍ଡବର ମୁକାବିଲା କରୁଛନ୍ତି, ଦେଖିବା କଥା । କୁହାଯାଉଛି, ରିଲିଫ୍ ପାଣ୍ଠିରୁ ସରକାର ୬୦୦ କୋଟି ଖର୍ଚ୍ଚ କରିଛନ୍ତି । ବର୍ଷା ଓ ବନ୍ୟା ତାଣ୍ଡବର ଭୟାବହତାକୁ ଦେଖିଲେ ତାହା ଯେମିତି ହେଲେ ସମୁଦ୍ରକୁ ଶଙ୍ଖେ ଭଳି ମନେହୁଏ । ଜଳ ନିଷ୍କାସନପାଇଁ ପ୍ରଶାସନ ତୁରନ୍ତ ବ୍ୟବସ୍ଥା ନକଲେ ଏହାର ପୁନରାବୃତ୍ତି ନହେବ, କିଏ କହିବ? ୧୯୯୨-୯୩ ମସିହାରେ ବେଙ୍ଗାଲୁରୁ ସହରରେ ବଡ଼ ବର୍ଷା ହୋଇଥିଲା । ସେତେବେଳର ଜନସଂଖ୍ୟାକୁ ଦେଖାଗଲେ, ଏହା ମଧ୍ୟରେ ତାହା ବହୁଗୁଣ ବଢ଼ି ସାରିଛି । ବେଙ୍ଗାଲୁରୁର ଆକାର ପ୍ରକାର ଓ ଆୟତନ ବୃଦ୍ଧି ପାଇଛି । ଯଦି ମୂଳରୁ ବର୍ଷା ଓ ବନ୍ୟା ନେଇ ସତର୍କ ପ୍ରସ୍ତୁତି ହୋଇଥାଆନ୍ତା ଯୋଜନା ଆଧାରରେ କାର୍ଯ୍ୟ ହୋଇଥାଆନ୍ତା ଆଜି ଦିନରେ ବେଙ୍ଗାଲୁରୁକୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିନଥାନ୍ତା । ଏହା ମଧ୍ୟରେ ଗୋଟିକ ପରେ ଗୋଟିଏ ସରକାର କେନ୍ଦ୍ରରେ ଓ ରାଜ୍ୟରେ ବଦଳିଛନ୍ତି । କାହାର ଏଥିପାଇଁ ନିଘା ନଥିବା ହେତୁ ଏଭଳି ଅଭାବନୀୟ ଦୁଃସ୍ଥିତିର ପୁନରାବୃତ୍ତି ଘଟିଲା । କରୋନା ସଂକ୍ରମଣ ବେଳରୁ ହିଁ ଆଇ.ଟି. ପ୍ରଫେସନାଲମାନେ ସଙ୍କଟ ଭିତରେ ଥିଲେ । ସେମାନଙ୍କୁ କାର୍ଯ୍ୟସ୍ଥଳକୁ ନଆସି 'ୱାର୍କ ଫ୍ରମ୍ ହୋମ୍' ପାଇଁ ନିର୍ଦ୍ଦେଶ ଥିଲା । କିଛି କମ୍ପାନି ସ୍ଥିତି ସୁଧୁରିବା ସହ କାର୍ଯ୍ୟସ୍ଥଳକୁ ଆସି କାମ କରିବାକୁ କହିଥିଲେ । ଏବେ ବର୍ଷା-ବନ୍ୟା ସମଗ୍ର ସ୍ଥିତିକୁ ବିଗାଡ଼ି ଦେଇଛି । କର୍ମଚାରୀମାନେ ଜଳପ୍ରଳୟ ଜନିତ ସ୍ଥିତିରେ କିଭଳି ସାମ୍ନା କରିବେ, ତାହା ସହଜା ବୁଝି ହେଉନାହିଁ । ପୂର୍ବ ଦିନରେ ତାମିଲନାଡୁରେ ଜଳ ନିଷ୍କାସନ ସମସ୍ୟା ପାଇଁ କିଭଳି ସମସ୍ୟା ଦେଖାଦେଇଥିଲା, ତାହା ସମସ୍ତେ ଦେଖିଛନ୍ତି । ବେଙ୍ଗାଲୁରୁରେ ଦେଶର ଉଚ୍ଚଶିକ୍ଷିତ ଯୁବକ-ଯୁବତୀଙ୍କର ଜନସଂଖ୍ୟା ଅଧିକ ହେଲାଣି । ସେମାନେ ଅସୁବିଧା ଭିତରେ କିଭଳି ସମ୍ଭାବ୍ୟ ବିପଦର ସମ୍ମୁଖୀନ ହେବେ, ତାହା ବିଚାରିବାର କଥା । କେତେ ବର୍ଷତଳେ କର୍ଣ୍ଣାଟକରେ ଦୂଷିତ ଆବର୍ଜନା ଓ ଫେଣ ସମସ୍ୟା ଉତ୍କଟ ରୂପ ନେଇଥିବାରୁ ତାହା ପାନୀୟ ଜଳ ସଙ୍କଟର କାରଣ ହୋଇଥିଲା । ଏବେ ଜଳତାଣ୍ଡବ ପାଇଁ ଲୋକମାନେ ପିଇବା ପାଣି ନପାଇ ଡହଳ ବିକଳ ହେଉଥିବା ଦେଖାଯାଉଛି । ଖାଦ୍ୟ ପାନୀୟ ଭଳି ମୌଳିକ ସୁବିଧା ଲୋକମାନଙ୍କୁ ମିଳିପାରୁ ନଥିବା ନେଇ ସମସ୍ତଙ୍କୁ ଚିନ୍ତା ବଢ଼ିଛି । ଏହା ଗ୍ଲୋବାଲ ୱାର୍ମିଂର କୁପରିଣତି ବୋଲି ଯାହା କୁହାଯାଉଛି, ତାହା ଶତ ପ୍ରତିଶତ ସତ୍ୟ । ବିଦେଶରେ ବନ୍ୟା, ବାତ୍ୟା, ଭୂକମ୍ପ ଓ ଭୂସ୍ଖଳନ ଭଳି ବିପର୍ଯ୍ୟୟ ଲାଗି ରହିଛି । କେଉଁ ଦେଶରେ ମାସ ମାସ ଧରି ଜଙ୍ଗଲରେ ନିଆଁ ଲାଗିରହୁଛି ତ' ତାହା ଲିଭୁ ନାହିଁ । ଏହାକୁ ସାଧାରଣ ବିପର୍ଯ୍ୟୟ ବୋଲି କହିହେବ ନାହିଁ । ବେଙ୍ଗାଲୁରୁର ସ୍ଥିତିକୁ ଦେଖି ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଥିବା ହେତୁ ସହରବାସୀ କିଭଳି କାଳ କାଟୁଥିବେ, ତାହା ଅନୁମେୟ ।

ଅଧ୍ୟାପକ ଗୋପବନ୍ଧୁ

ଦିଲ୍ଲୀ ସରକାରଙ୍କ ଦୁଆରମୁହଁ ସେବା

ସରକାର ହେଉଛି ଏକ ଜନମଙ୍ଗଳକାରୀ ବ୍ୟବସ୍ଥା। ଏହା ରାଷ୍ଟ୍ରର ସାର୍ବଭୌମତ୍ୱକୁ ଜଗିବା ସହିତ ନାଗରୀକମାନଙ୍କୁ ଉତ୍ତମ ସେବାପ୍ରଦାନ କରିବାକୁ ବାଧ। ସାର୍ବଭୌମତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ହେଉଛି ରାଷ୍ଟ୍ରୀୟ କର୍ତ୍ତବ୍ୟ ଓ ନାଗରୀକମାନଙ୍କୁ ଉତ୍ତମ ସେବାପ୍ରଦାନ ହେଉଛି ପ୍ରଶାସନିକ କର୍ତ୍ତବ୍ୟ। କୌଣସି ଗଣତାନ୍ତ୍ରିକ ସରକାର ନାଗରିକମାନଙ୍କ ନୀକଟରେ ଉତ୍ତର ଦାୟୀ ରହିବାକୁ ବାଧ। ଜନମଙ୍ଗଳ ହେଉଛି ତାର ପ୍ରାଥମିକତା। ଶୋଷଣ, ଅତ୍ୟାଚାର ଓ ଅରାଜକତା କେବେବି ଗୋଟିଏ ଗଣତାନ୍ତ୍ରିକ ସରକାରର ପରିଚୟ ନୁହେଁ। ଏପରି ପରିସ୍ଥିତି କୌଣସି ସରକାରରେ ଦେଖାଦେଲେ ତାହା ଗଣତାନ୍ତ୍ରିକ ମୂଲ୍ୟବୋଧ ହରାଇ ବସିଛି ବୋଲି ଧରି ନେବାକୁ ହେବ।

ଗୋଟିଏ ଜନହିତୈଷୁ ସରକାର ନୂଆନୂଆ ଉପାୟ ଖୋଜେ ସାଧାରଣ ଜନତାକୁ ଅଧିକରୁ ଅଧିକ ସୁଖସ୍ୱାଚ୍ଛନ୍ଦ ପ୍ରଦାନ ପାଇଁ। ଏପରି ସରକାର ଲୋକଙ୍କ ଦୁଃଖଦୁର୍ଦ୍ଦଶା ଓ ଅସୁବିଧାକୁ ବୁଝେ ଏବଂ ଉପାୟ ଖୋଜେ କିପରି ଏହାର ଲାଘବ କରାଯାଇ ପାରିବ। କିପରି ତାଙ୍କ କାମ ସହଜରେ ହୋଇପାରିବ। ଲୋକଙ୍କ ସମୟ ଓ ଅର୍ଥକୁ କିପରି ବଞ୍ଚାଯାଇ ପାରିବ। ସମସ୍ତେ କିପରି ସହଜରେ ଓ ସୁଲଭରେ ଶିକ୍ଷା, ସ୍ୱାସ୍ଥ୍ୟ, ଅତ୍ୟାବଶ୍ୟକ ସମାଗ୍ରୀ ତଥା ଭ୍ରଷ୍ଟାଚାରମୁକ୍ତ ପ୍ରାଶାସନିକ ସେବା ଅନାୟସରେ ପାଇପାରିବେ। ଏପରି ସରକାର ଜନମତକୁ ସମ୍ମାନ ଜଣାଏ ଓ ଏହାରି ଆଧାରରେ ଶାସନ କରେ। ଅନ୍ୟ ପକ୍ଷରେ ଗୋଟିଏ କ୍ରୁର ଓ ବେଦରଦୀ ସରକାର ଅଧିକରୁ ଅଧିକ ଶୋଷଣ କରିବାକୁ ଚାହେଁ। ଟ୍ୟାକ୍ସ ପରେ ଟ୍ୟାକ୍ସ ବସାଏ। ଅରାଜକତା ସୃଷ୍ଟିକରି ଫାଇଦା ନେବାକୁ ଚାହେଁ। ଲୋକଙ୍କୁ କିପରି ଅଧିକରୁ ଅଧିକ ଅସୁବିଧାରେ ପକାଯାଇପାରେ ସେହିପ୍ରକାର ପଦକ୍ଷେପ ନିଏ। ନିଜର ଓ ନିଜ ବନ୍ଧୁମାନଙ୍କ ନିହିତ ସ୍ୱାର୍ଥରେ କାମ କରେ। ଜନତାଙ୍କ ମଙ୍ଗଳ ତାପାଇଁ ଅପ୍ରାସଙ୍ଗିକ ହୋଇଯାଏ।

ସମ୍ବେଦନଶୀଳତା କ୍ଷେତ୍ରରେ ଦିଲ୍ଲୀର ଆମ୍ ଆଦମୀ ପାର୍ଟି ସରକାର ଏକ କ୍ରାନ୍ତିକାରୀ ଉପଲବ୍ଧି। ଲୋକଙ୍କୁ କିପରି ଅଧିକରୁ ଅଧିକ ସୁବିଧା ସୁଯୋଗ ଦିଆଯାଇ ପାରିବ ସେଥିପାଇଁ ନୂଆ ନୂଆ ଯୋଜନା କାର୍ଯ୍ୟାକାରୀ କରିଚାଲିଛି। ବିଭିନ୍ନପ୍ରକାର ଦେୟମୁକ୍ତ ଯୋଜନା ପାଇଁ ଏ ସରକାର ବହୁଚର୍ଚ୍ଚିତ। ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାପାଇଁ ବିଶ୍ୱରେ ଆଦୃତ। ଏ ସମସ୍ତ ଯୋଜନାର ଉର୍ଦ୍ଧ୍ୱରେ ଅନ୍ୟ ଏକ କ୍ରାନ୍ତିକାରୀ ଯୋଜନା ଦିଲ୍ଲୀରେ ଚାଲିଛି ତାହାର ଆଲୋଚନା ଠିକରେ ଦାନାବାନ୍ଧି ପାରିନାହିଁ। ଏହା ହେଉଛି 'ଦୁଆର ମୁହଁରେ ସେବା ପ୍ରଦାନ' ବା 'ଡୋର ଷ୍ଟେପ୍ ଡେଲିଭାରି' କାର୍ଯ୍ୟକ୍ରମ । ଏହା ଅତ୍ୟନ୍ତ ସଫଳ ଓ ଲୋକାଭିମୁଖୀ ଯୋଜନା ଅଟେ। ଯେ କୌଣସି ଗଣତାନ୍ତ୍ରିକ ସରକାର ପାଇଁ ଏହା ଏକ ଅନୁକରଣୀୟ ମାର୍ଗ। ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏପରି ଯୋଜନାର କଳ୍ପନା ଅକଳ୍ପନୀୟ ଥିଲା। କେଉଁଠାରେବି ଯଦି ଏହା ଥିଲା ତାହା ଅତ୍ୟନ୍ତ ସୀମିତ ରୂପରେ ଥିଲା। ଏହି ଯୋଜନା ମୁତାବକ ଦିଲ୍ଲୀରେ ସରକାର ଅନେକଗୁଡିଏ ସେବା ଘରେ ଆସି ଦେଉଛନ୍ତି। କୌଣସି ସରକାର ଘରେ ଆସି ସେବାଦେବା ଯାହା ଦିନେ ଅକଳ୍ପନୀୟ ଥିଲା ତାହା ଆଜି ବାସ୍ତବରେ ପରିଣତ ହୋଇଛି। ଏହା କରିବା ପାଇଁ ଲୋକମାନେ ସବୁ କାମ ବନ୍ଦକରି ଛୁଟିନେଇ ଏ ଅଫିସରୁ ସେ ଅଫିସକୁ ଦୌଡୁଥିଲେ। ହଇରାଣ ହେଉଥିଲେ। ହାତଗୁଞ୍ଜା ନଦେଲେ କାମ ହେଉନଥିଲା। ସେ ସବୁକାମ ଆଜି ଘରେବସି ହୋଇଯାଉଛି। କାମ ପୁଣି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହୋଉଛି। ଫାଇଲ ମାସ ମାସଧରି ପଡିରହୁ ନାହିଁ। ଏହା ଭ୍ରଷ୍ଟାଚାର ନିୟନ୍ତ୍ରଣରେ ସହାୟକ ହୋଇଛି।

ପୂର୍ବରୁ ଲୋକଙ୍କ ଯେଉଁ ଧାରଣା ଥିଲା ଯେ ସରକାରୀ କାମ ହେବାକୁ ବହୁତ ଦିନ ଲାଗିବ। ଉକଚ୍ଚୋଚ ନଦେଲେ କାମ ହେବନାହିଁ। କୌଣସି ଅଫିସକୁ ଗଲେ କେହି ତୁମ କଥା ସହଜରେ ଶୁଣିବେ ନାହିଁ। କାମଟିକୁ ସହଜ କରିବାପାଇଁ କେହି ଜଣେ ବଡନେତାକୁ ଅଥବା ବଡ ଅଧିକାରୀଙ୍କୁ ଧରିବାକୁ ପଡିବ। ଏପରି ଧାରଣା ଦିଲ୍ଲୀବାସୀ ଭୁଲିବାକୁ ବସିଲେଣି। ଲୋକମାନେ ଘରେବସି ଯେକୌଣସି ସମୟରେ ଅନଲାଇନରେ ଦରଖାସ୍ତ କରୁଛନ୍ତି। ଭାରପ୍ରାପ୍ତ କର୍ମଚାରୀ ଆବେଦନକାରୀଙ୍କ ସୁବିଧା ଅନୁସାରେ ଘରେ ପହଞ୍ଚୁଛନ୍ତି ଓ ଆବଶ୍ୟକୀୟ କାଗଜପତ୍ର ସଂଗ୍ରହ କରୁଛନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାମ ହୋଇଯାଉଛି। ଯେଉଁ ପ୍ରମାଣପତ୍ର ବା ଆବଶ୍ୟକୀୟ କାଗଜପତ୍ର ଦରକାର ତାହା ଅନଲାଇନରେ ମିଳି ଯାଉଛି। ଘରେବସି ହେଉଛି। ଦୌଡିବାକୁ ପଡୁନାହିଁ। ଲାଇନରେ ଛିଡା ହେବାର ଝାମେଲା ନାହିଁ। ଦିଲ୍ଲୀ ସରକାର ପ୍ରଥମେ ୪୦ ପ୍ରକାରର ସେବା ଘରେ ଯୋଗାଇ ଦେବାର ଯୋଜନା ଆରମ୍ଭ କରିଥିଲେ। ଜନ୍ମ ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ବିବାହ ପ୍ରମାଣପତ୍ର, ନୂଆ ଜଳସଂଯୋଗ ପରି ୪୦ ପ୍ରକାରର ସେବା ଏହାର ଅନ୍ତର୍ଗତ। ଏ ସମସ୍ତ ସେବା ପାଇବା ପାଇଁ ଗୋଟିଏ ହେଲ୍ପଲାଇନ ଦିଆଯାଇଛି। ସେହି ନମ୍ବରକୁ ଫୋନକରି ଜଣାଇବାର ଅଛି ଯେ ଆପଣ କେଉଁ ପ୍ରକାର ସେବା ପାଇବାକୁ ଚାହୁଁଛନ୍ତି। ପରବର୍ତ୍ତୀ କାମ ସରକାରଙ୍କ।

ଏବେ ଦିଲ୍ଲୀ ସରକାର ଏ ପ୍ରକାର ସେବାର ପରିସରକୁ ବ୍ୟାପକ କରିଛନ୍ତି। ପର୍ଯ୍ୟାୟକ୍ରମେ ୧୦୦ରୁ ଅଧିକ ୧୪ ଟି ବିଭାଗର ସେବାକୁ ଲୋକଙ୍କ ଘର ସମ୍ମୁଖରେ ଦେବାର କାର୍ଯ୍ୟକ୍ରମ ଚାଲୁ କରିଛନ୍ତି। ଏହାକୁ ଆହୁରି ବ୍ୟାପକକରି ୨୦୦ ପ୍ରକାର ସେବା ପ୍ରତ୍ୟେକଙ୍କ ଘରେ ପହଞ୍ଚାଇବାର କାର୍ଯ୍ୟକ୍ରମ ହାତକୁ ନେବାର ଯୋଜନା ରହିଛି। ଲକ୍ଷ୍ୟ ରହିଛି ୩୦୦ ପ୍ରକାରର ସେବା ଲୋକଙ୍କ ଘରେ ପହଞ୍ଚାଇବା। ଏହା ସହିତ ସମସ୍ତ ପ୍ରକାରର କଣ୍ଟ୍ରୋଲ ସାମଗ୍ରୀକୁ ମଧ୍ୟ ଘରେ ଘରେ ପହଞ୍ଚାଇବାର ଯୋଜନା ରହିଛି। କେନ୍ଦ୍ର ସରକାରଙ୍କ ସହିତ ମତପାର୍ଥକ୍ୟ ଯୋଗୁଁ ଏହା ଅଟକି ରହିଥିଲା । ଦିଲ୍ଲୀ ସରକାରଙ୍କ ପଦାଙ୍କ ଅନୁସରଣକରି ଏବେ ପଞ୍ଜାବର ଆପ୍ ସରକାର ଡୋର୍ ଷ୍ଟେପ ଡେଲିଭରି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଅନେକ ରାଜ୍ୟ ଏବେ ଏହି ପ୍ରକାର ଯୋଜନା କାର୍ଯ୍ୟକାରୀ କରିବାର ଦେଖାଯାଉଛି। ଏହା ଦେଶର ଗଣତନ୍ତ୍ର ବ୍ୟବସ୍ଥା ପାଇଁ ଶୁଭଙ୍କର ବିଷୟ ନିଶ୍ଚୟ।

ଏହା ଅତ୍ୟନ୍ତ ଉପାଦେୟ ଯୋଜନା। ଏପ୍ରକାର ଜନାଦୃତ ଯୋଜନା ପାଇଁ ଦିଲ୍ଲୀ ସରକାର ଧନ୍ୟବାଦର ପାତ୍ର। ସମଗ୍ର ଦେଶରେ ଏହା କାର୍ଯ୍ୟକାରୀ ହେବା ଉଚିତ୍। ସମସ୍ତ ରାଜ୍ୟ ସରକାର ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣକରନ୍ତୁ। ରାଜନୈତିକ ପ୍ରତିଯୋଗୀତା ହେଉ କିଏ କେତେ ଅଧିକ ସୁବିଧା ଦୁଆର ମୁହଁରେ ଯୋଗାଇଦେଇ ପାରୁଛି। ସାଧାରଣ ଜନତା ଦାବୀକରନ୍ତୁ ଏହି ପ୍ରକାର ଲୋକାଭିମୁଖୀ ପଦକ୍ଷେପ ନେବାକୁ। ସରକାରଙ୍କୁ ବାଧ କରନ୍ତୁ। ଅନ୍ୟଥା ଉନ୍ନତ ସେବା ପ୍ରଦାନକାରୀ ସରକାରକୁ ଆଣିବାର ବିକଳ୍ପ ଖୋଲା ରଖନ୍ତୁ। ତେବେ ଏହା ସତ ଯେ ଯେଉଁଠାରେ ଆନ୍ତରିକତା ନାହିଁ ସେଠାରେ ସଫଳତା ନାହିଁ। ଦିଲ୍ଲୀ ଯେଉଁ ସଫଳତା ପାଇଛି ଅନ୍ୟମାନେ ତାହା ପାଇବାକୁ ହେଲେ ତାଙ୍କୁ ସେହି ଆନ୍ତରିକତା ଦେଖାଇବାକୁ ପଡିବ। ତେବେ ଭ୍ରଷ୍ଟାଚାର ହଟାଇବାପାଇଁ ତଥା ଲୋକମାନଙ୍କୁ ଉଚିତ୍ ସେବା ପ୍ରଦାନପାଇଁ ଆନ୍ତରୀକତା ସହିତ ରାଜନୀତି କରିବା ଓ ବେପାରୀ ମନୋଭାବ ନେଇ ଛଳନାର ରାଜନୀତି କରିବା ମଧ୍ୟରେ ପାର୍ଥକ୍ୟ ରହିଛି। ଜନତା ଚାହାଁନ୍ତି ଏକ ଦରଦୀ, ଜନହିତୈଷୀ ଓ ଛଳନାମୁକ୍ତ ସରକାର।

+ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଅମୂଲ୍ୟ କୁମାର ପଣ୍ଡା

ଆଧ୍ୟାତ୍ମିକ ପ୍ରକ୍ରିୟା ଓ ସଂସାର ମାୟା

ଆମ ଏହି ପୁଣ୍ୟ ଦେଶ ଭାରତରେ ହଜାର ବର୍ଷ ପୂର୍ବେ ଆଦିଯୋଗୀଙ୍କ ଠାରୁ ଆରମ୍ଭ କରି ଅନେକ ଯୋଗୀ, ସନ୍ଥ, ସାଧୁ ଏବଂ ରହସ୍ୟବାଦୀ ଗୁରୁ ଏକଥା ଅନେକ ପ୍ରକାରେ ଅନେକ ମାର୍ଗରେ ବାରମ୍ବାର ଶିକ୍ଷା ଦେଇଛନ୍ତି ! ଯେଉଁ ଉର୍ଜା ଓ ଉତ୍ସାହ ସହିତ ସେ ଏହି ଜ୍ଞାନ ଦେଶ ସାରା ପ୍ରସାର କଲେ ତାହା ହିଁ ସେମାନଙ୍କୁ ସ୍ୱତନ୍ତ୍ର କରିଛି ! ସବୁଠୁ ବଡ଼କଥା ଯାହା ଆଜିକା ସମୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ, ତାହା ହେଉଛି, ଏ ସମସ୍ତ ଜ୍ଞାନ କୌଣସି ବିଶ୍ୱାସ କିମ୍ବା ଆସ୍ଥାରୁ ଆସିନାହିଁ ବରଂ ଏହା ଆତ୍ମଅନୁଭୂତି ଲବ୍ଧ ପ୍ରଜ୍ଞାର ପ୍ରବାହ ! ବର୍ତ୍ତମାନ ସମୟରେ ଆଧ୍ୟାତ୍ମିକ ପ୍ରକ୍ରିୟା ଯଦି ମୂଳଭୂତ ମାନବୀୟ ତାର୍କିକତା ସହିତ ଓ ବୈଜ୍ଞାନିକ ଅନୁସନ୍ଧାନ ସହିତ ତାଳମେଳ ନଖାଏ, ସାଧାରଣ ଭାବରେ ଲୋକ ତାକୁ ଗ୍ରହଣ କରନ୍ତି ନାହିଁ ! ଶଙ୍କରାଚାର୍ଯ୍ୟ ଏହାକୁ କହୁଥିଲେ "ସବୁକିଛି ମାୟା" ! ଅନେକେ ଏହାକୁ ଏଭଳି ତର୍ଜମା କରନ୍ତି ଯେ ମାୟା ଅର୍ଥାତ ଯାହାର ଅସ୍ତିତ୍ୱ ନାହିଁ ! ପ୍ରକୃତରେ ମାୟାର ଅର୍ଥ ଅସ୍ତିତ୍ୱହୀନତା ନୁହେଁ ! ମାୟା ଅର୍ଥାତ ଏକ ପ୍ରହେଳିକା, ଅର୍ଥାତ ଆମେ କୌଣସି ବିଷୟ ଅଥବା ବସ୍ତୁକୁ ତାର ପ୍ରକୃତ ସ୍ୱରୂପରେ ନଦେଖିବା ! ଉଦାହରଣ ସ୍ୱରୂପ, ଆମେ ଆମର ଏହି ସୁଗଠିତ ଶରୀରକୁ ଦେଖୁଚେ, ଆମେ ପ୍ରତ୍ୟେହ ଗ୍ରହଣ କରୁଥିବା ଖାଦ୍ୟ, ପାନୀୟ ଓ ବାୟୁ ଦ୍ୱାରା ଆମ ଶରୀରର କୋଷ ମାନ ନିରନ୍ତର ପରିବର୍ତ୍ତିତ ହେଉଛନ୍ତି ! ଟିସୁ ଓ ଅନ୍ୟାନ୍ୟ ଅଙ୍ଗ ସବୁ ନିଜ ନିଜର କୋଷ ଅନୁଯାୟୀ କିଛିଦିନ ବା କିଛି ବର୍ଷରେ ସମ୍ପୂର୍ଣ୍ଣ ନବିକୃତ ହେଇଯାଉଛି ! ଅର୍ଥାତ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଆମ ଶରୀର ସମ୍ପୂର୍ଣ୍ଣ ନୂଆ ହୋଇଥାଏ ! କିନ୍ତୁ ଆମ ସାଧାରଣ ଅନୁଭବରେ ଆମକୁ ଶରୀର ସେଇ ପୁରୁଣା ଓ ନିତିଦିନିଆ ଲାଗେ, ଏହାହିଁ "ମାୟା" !

ଠିକ ସେଇଭଳି ଆମେ ସୃଷ୍ଟିକୁ ଆମ ପଞ୍ଚଇନ୍ଦ୍ରିୟ ଅନୁଭବ ଆଧାରରେ ଯେଉଁଭଳି ଭାବରେ ବୁଝୁ, ତାହା ବାସ୍ତବତା ଠାରୁ ଢେର ଭିନ୍ନ, ତାହାହିଁ ମାୟା ! ଏଇ ଯେମିତି ମୃଗତୃଷ୍ଣା, ବେଳେ ବେଳେ ପ୍ରବଳ ଖରାରେ ଯିବା ବେଳେ, ଖୁବ ଦୂରରେ ପାଣି ଥିବା ଭଳି ଦେଖାଯାଏ ! କିନ୍ତୁ ସେଠାରେ ଯାଇ ପହଞ୍ଚିବା ପରେ ପ୍ରକୃତରେ ସେଠାରେ ପାଣି ନଥାଏ ! ତା ମାନେ ନୁହେଁ ସେଠାରେ କିଛି ନାହିଁ ! ଆଲୋକର ପ୍ରତିସରଣ ଏଭଳି ପ୍ରହେଳିକା ସୃଷ୍ଟି କରିଥିଲା ! ଯାହା ପ୍ରକୃତରେ ଗୋଟିଏ ପ୍ରକାର ତାହା ଆମକୁ ଭିନ୍ନ ପ୍ରକାରର ଦେଖାଗଲା ! ଯାହାକୁ ଆମେ "ମୁଁ" ବୋଲି ଭାବୁ ତାହାହିଁ ପ୍ରକୃତରେ ସବୁକିଛି ଏବଂ "ଅନ୍ୟ" ବୋଲି ଯାହାକୁ ବିଚାର କରୁ ତାହାହିଁ ପ୍ରକୃତରେ ନିଜେ ! ଯାହା ଆମେ ସବୁକିଛି ବୋଲି ବୁଝିଥାଉ ତାହା ପ୍ରକୃତରେ କିଛି ନୁହେଁ ! ଏହାହିଁ ତ ଶଙ୍କରାଚାର୍ଯ୍ୟ କହିଥିବା ମାୟା !

ମଣିଷର ଅନ୍ତରତତ୍ତ୍ୱକୁ ବୁଝିପାରିଲେ ଜଣେ ସମଗ୍ର ବ୍ରହ୍ମାଣ୍ଡକୁ ବୁଝିପାରିବ ! ଆଧୁନିକ ପଦାର୍ଥ ବିଜ୍ଞାନ ମଧ୍ୟ କହୁଛି ଯେ ସମଗ୍ର ବ୍ରହ୍ମାଣ୍ଡ ହେଉଛି ମୂଳତଃ ଏକ ଅଦ୍ୱିତୀୟ ଉର୍ଜା ! ସମାନ ଭାବରେ ଶଙ୍କରାଚାର୍ଯ୍ୟ କହିଥିଲେ ସ୍ରଷ୍ଟା ଓ ସୃଷ୍ଟି ହେଉଛନ୍ତି ଏକ, ଯାହାକୁ ଆମେ ଅଦ୍ୱୈତ ମତ ବୋଲି କହୁ ! ଅନେକ ତର୍

ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି

'ଉର୍ବଶୀ ହଟାଅ, ଋଷଭ୍ ବଞ୍ଚାଅ!'

ଏସିଆ କପ୍‌ର ଏକ କ୍ରିକେଟ୍ ମ୍ୟାଚ୍‌ରେ ପଡ଼ୋଶୀ ଦଳ ପାକିସ୍ତାନ ଠାରୁ ଭାରତୀୟ ଦଳ ପରାସ୍ତ ହେବାକୁ କ୍ରିକେଟ୍‌ପ୍ରେମୀମାନେ ସହଜରେ ଗ୍ରହଣ କରି ପାରୁ ନାହାନ୍ତି । କିଛି ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ନିଜର କ୍ରୋଧ ବ୍ୟକ୍ତ କରିବାକୁ ଯାଇ କେତେକ ନିର୍ଦ୍ଦିଷ୍ଟ କ୍ରିକେଟରଙ୍କୁ ଗାଳିଗୁଳଜ କରୁଥିବା ବେଳେ ଆଉ କିଛି ମଜାଳିଆ ମିମ୍ ସାହାଯ୍ୟରେ ପରାଜୟର ବେଦନାକୁ ପ୍ରଶମିତ କରିବାକୁ ଉଦ୍ୟମ କରୁଛନ୍ତି । ଆଶ୍ଚର୍ଯ୍ୟର କଥା ହେଲା ରବିବାରର ମ୍ୟାଚ୍ ସରିବା ପରେ ସାମାଜିକ ଗଣମାଧ୍ୟମରେ ସବୁଠାରୁ ଅଧିକ ବ୍ୟଙ୍ଗବିଦ୍ରୂପର ଶରବ୍ୟ ହୋଇଥିବା ବ୍ୟକ୍ତିଜଣକ କିନ୍ତୁ ଜଣେ କ୍ରିକେଟର ନୁହନ୍ତି । ସେ ହେଉଛନ୍ତି ମଡେଲ୍-ଅଭିନେତ୍ରୀ ଉର୍ବଶୀ ରୌତେଲା । କଥା କ'ଣ କି ଦୁବାଇ ଇଣ୍ଟରନେସ୍‌ନାଲ୍ ଷ୍ଟାଡିଅମ୍‌ରେ ଦ୍ୱିତୀୟ ଥର ମୁହାଁମୁହିଁ ହେଉଥିବା ଭାରତ-ପାକିସ୍ତାନ ଦଳର ଖେଳରେ ଉର୍ବଶୀ ଦର୍ଶକ ଗ୍ୟାଲେରିରେ ଉପସ୍ଥିତ ଥିଲେ ।

ସ୍ମରଣଯୋଗ୍ୟ ଯେ ନିକଟ ଅତୀତରେ ଉର୍ବଶୀ ଓ ଋଷଭ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ଏକାଧିକ ଥର ଝଗଡ଼ା ହେବା ସଭିଏଁ ଦେଖିଥିଲେ । ଏହି ଶୀତଳ ଯୁଦ୍ଧ ଏ ଯାବତ୍ ଚାଲିଛି ବୋଲି ଅନୁମାନ କରାଯାଉଛି । ତେଣୁ ଋଷଭ ପନ୍ତ ଯେତେବେଳେ ଉକ୍ତ ମ୍ୟାଚ୍‌ରେ ମାତ୍ର ୧୪ ରନ୍ କରି ଆଉଟ୍ ହୋଇଗଲେ ସେତେବେଳେ ଉର୍ବଶୀଙ୍କ ଉପସ୍ଥିତିକୁ କେତେକ ପ୍ରଶଂସକ ଦୋଷାରୋପ କରିବା ଆରମ୍ଭ କରିଦେଲେ । ଜଣେ ଟୁଇଟରରେ ବ୍ୟଙ୍ଗ କରି ଲେଖିଲେ: 'ଦିଦି ଆପଣଙ୍କ କ୍ୟାରିୟର ତ କିଛି ଖାସ୍ ଚାଲୁନାହିଁ । ବିଚରା ଋଷଭ ପନ୍ତଙ୍କୁ ଭଲରେ ଖେଳିବାକୁ ଦିଅ ।' ଆଉଜଣେ ଏହାକୁ ନେଇ ଏକ ସ୍ଲୋଗାନ୍ ତିଆରି କରିଦେଲେ: 'ଉର୍ବଶୀ ହଟାଅ, ଋଷଭ ବଞ୍ଚାଅ ।' ସେହିପରି ଉର୍ବଶୀଙ୍କର ଏକ ହସହସ ଫଟୋ ସହିତ ଜଣେ ଲେଖିଲେ: 'ଋଷଭଙ୍କ ୱିକେଟ୍ ପଡ଼ିବା ପରେ ଷ୍ଟାଡିଅମ୍‌ରେ ସବୁଠାରୁ ଖୁସି ମଣିଷ ।' ବାସ୍ତବରେ ଉର୍ବଶୀ-ଋଷଭ ଲଢ଼େଇ ଆରମ୍ଭ ହେଲା ଯେତେବେଳେ ଉର୍ବଶୀ ଏକ ସାକ୍ଷାତକାରରେ କହିଥିଲେ ଯେ ଏକଦା ଋଷଭ ତାଙ୍କୁ ଭେଟିବା ପାଇଁ ଗୋଟିଏ ରାତି ଅପେକ୍ଷା କରିଥିଲେ । ଋଷଭ ଏହାକୁ ଖଣ୍ଡନ କରିବା ପରେ ଉର୍ବଶୀ ସିଧାସଳଖ ତାଙ୍କୁ 'ଛୋଟୁ ଭୈୟା' କହି ତାଙ୍କର ଚରିତ୍ର ସଂହାର କରିଥିଲେ । ସେବେଠାରୁ ଏହି ଲଢ଼େଇ ଜାରି ରହିଛି । ଏବେ କ୍ରିକେଟ୍‌ପ୍ରେମୀମାନେ ଏଭଳି ବ୍ୟଙ୍ଗବିଦ୍ରୂପ କରିବା ଫଳରେ ସେମାନଙ୍କ ଝଗଡ଼ା ଆହୁରି ଉଗ୍ର ହେବ ନା ଶାନ୍ତ ପଡ଼ିବ ତାହା ଦେଖିବାକୁ ରହିଲା ।

ଅଦିତି ଆର୍ଯ୍ୟଙ୍କୁ ପ୍ରଥମ ପଦପାତର ସଫଳତା

କୌଣସି କ୍ଷେତ୍ରରେ ପ୍ରଥମ ଆବିର୍ଭାବ କାଳରେ ଆଶାନୁରୂପ ସଫଳତା ମିଳିଲେ ତାହା ଚଲାପଥକୁ ସୁଗମ କରିଦେଇଥାଏ । ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଅଗ୍ରଣୀ ସିନେ ଅଭିନେତ୍ରୀ ତଥା ୨୦୧୫ ଫେମିନା ଭାରତ ସୁନ୍ଦରୀ (ବିଶ୍ୱ) ମୁକୁଟ ବିଜୟିନୀ ଅଦିତି ଆର୍ଯ୍ୟ । ତାଙ୍କ ଅଭିନୀତ ପ୍ରଥମ ସିନେମାର ସଫଳ ପ୍ରତିଧ୍ୱନି ଏପରି ସଂଚରିଗଲା ଯେ ମାତ୍ର ଛଅ ବର୍ଷର ଅଭିନୟ ଜୀବନ ଭିତରେ ସେ ପଛକୁ ପଛ ୧୦ରୁ ଅଧିକ ଚଳଚ୍ଚିତ୍ରରେ ସୁଯୋଗ ପାଇବା ସହ ତାଙ୍କୁ ଫିଲ୍ମ ଦୁନିଆରେ ତିଷ୍ଠି ରହିବା ଲାଗି ସଂଘର୍ଷ କରିବାକୁ ପଡ଼ିନି । ଚଣ୍ଡୀଗଡ଼ ଠାରେ ୧୯୯୩ ସେପ୍ଟେମ୍ବର ୧୮ରେ ଜନ୍ମ ନେଇଥିବା ଅଦିତି ବାଣିଜ୍ୟ ସମ୍ମାନରେ ସ୍ନାତକ ସହ ଏମ୍‌ବିଏ ଡିଗ୍ରି ହାସଲ କରିଛନ୍ତି । ତେବେ ଲୋଭନୀୟ ନିଯୁକ୍ତି ସୁଯୋଗକୁ ହାତଛଡ଼ା କରି ସେ ଅଭିନୟ ପ୍ରତି ବେଶୀ ଆକର୍ଷିତ ହୋଇଥିଲେ । ଅବଶ୍ୟ ନିଜର ନିଖୁଣ ତଥା ଆକର୍ଷଣୀୟ ଚେହେରା ସାଙ୍ଗକୁ ଯାଦୁକରୀ ଆଖିର ଆବେଗଭରା ଚାହାଣି ତାଙ୍କୁ ସେ ଦିଗରେ ଆଗକୁ ବଢ଼ିବା ଲାଗି ପ୍ରୋତ୍ସାହନ ଯୋଗାଇଥିଲା । ଶିକ୍ଷା ସାରିବା ପରେ ୨୦୧୫ରେ ସୁନ୍ଦରୀ ପ୍ରତିଯୋଗିତା 'ଏଫ୍‌ବିବି ଫେମିନା ଭାରତ ସୁନ୍ଦରୀ (ବିଶ୍ୱ)ର ମୁକୁଟ ଧାରଣ କରି ସେ ଲୋକଲୋଚନକୁ ଆସିଥିଲେ । ଏହା ପରେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରି ସେ ମଲ୍‌ଟିମିଡିଆ ସମ୍ମାନର ଶ୍ରେଷ୍ଠ ୫ ଜଣଙ୍କ ଭିତରେ ଏବଂ ଲୋକଙ୍କ ପସନ୍ଦର ଶ୍ରେଷ୍ଠ ୫ ଜଣଙ୍କ ଭିତରେ ରହିଥିଲେ । ତେବେ ଏହି ସୁନ୍ଦରୀ ପ୍ରତିଯୋଗିତା ପରେ ସେ ଅଭିନୟର କେତେଟି କର୍ମଶାଳାରେ ଯୋଗଦେଇ ନିଜକୁ ଶାଣିତ କରିଥିଲେ । ଅଦିତି ୨୦୧୬ରେ ପୁରୀ ଜଗନ୍ନାଥ ନିର୍ଦ୍ଦେଶିତ ତେଲୁଗୁ ଫିଲ୍ମ 'ଇଜିମ୍'ରେ ପ୍ରଥମ ପଦାର୍ପଣ କରି ହଇଚଇ ସୃଷ୍ଟି କରିଦେଲେ । ଏହା ଅପୂର୍ବ ବ୍ୟାବସାୟିକ ସଫଳତା ହାସଲ କରିବା ସହ ଦର୍ଶକଙ୍କ ମନରେ ସେ ଏକ ପରିଚିତ ମୁହଁ ପାଲଟିଗଲେ । ତହିଁ ପରବର୍ଷ ହିନ୍ଦୀ ଫିଲ୍ମ 'ତନ୍ତ୍ର' ଓ ତା' ପରବର୍ଷ 'ସ୍ୱଟ୍‌ଲାଇଟ୍-୨'ରେ ତାଙ୍କ ଅଭିନୀତ ଯଥାକ୍ରମେ ସୁନୟନା ଓ ଜ୍ୟୋତିକା ଚରିତ୍ରକୁ ୱେବ୍ ଦର୍ଶକମାନେ ଖୁବ୍ ପସନ୍ଦ କରିଥିଲେ । ଏହାପରେ ୨୦୧୯ରେ ସେ ତାମିଲ ଦୁନିଆକୁ ପ୍ରବେଶ କରିଥିଲେ ଦ୍ୱିଭାଷୀ ଫିଲ୍ମ 'ସେଭେନ' ମାଧ୍ୟମରେ ।

ଆଲିଆଙ୍କ ଗଡ୍ ଫାଦର କରଣ, ତେଣୁ ତାଙ୍କୁ ଫିଲ୍ମ ମିଳେ: ଐଶ୍ୱର୍ଯ୍ୟା

ବଲିଉଡର ବୁଲବୁଲି ନାୟିକା ଆଲିଆ ଭଟ୍ଟ । ସେ ତାଙ୍କ ଫିଲ୍ମ କ୍ୟାରିୟରକୁ ନେଇ ଏବେ ଲାଇମ୍ ଲାଇଟ୍‌ରେ ଅଛନ୍ତି । 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର' ଫିଲ୍ମରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ଆଲିଆ ବି-ଟାଉନ୍‌କୁ ବ୍ୟାକ୍ ଟୁ ବ୍ୟାକ୍ ହିଟ୍ ଫିଲ୍ମ ଦେଇ ଚାଲିଛନ୍ତି । 'ରାଜି' ଠାରୁ 'ଗାଙ୍ଗୁବାଇ କାଠିଆୱାଡି' ପର୍ଯ୍ୟନ୍ତ ସେ ନିଜ ଦମଦାର ଅଭିନୟ ବଳରେ ଦର୍ଶକ ହୃଦୟରେ ରାଜ କରୁଛନ୍ତି । ଏବେ ଓଟିଟି ଓ ହଲିଉଡ ଫିଲ୍ମ 'ହାର୍ଟ ଅଫ୍ ଷ୍ଟୋନ୍'ରେ ଡେବ୍ୟୁ କରିବା ପରେ ତାଙ୍କ ନାଁ ବଲିଉଡର ସଫଳ ଅଭିନେତ୍ରୀଙ୍କ ଲିଷ୍ଟର ଶୀର୍ଷରେ ଅଛି । ତେବେ ଆଲିଆ ଭଟ୍ଟଙ୍କ ଏତେ ସଫଳତାକୁ ନେଇ ମୁହଁ ଖୋଲିଛନ୍ତି ବଲିଉଡର ନୀଳ ନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନ । ଆଲିଆ ଭଟ୍ଟଙ୍କ ଗଡ୍ ଫାଦର ହେଉଛନ୍ତି ଫିଲ୍ମ ନିର୍ମାତା କରଣ ଜୋହର । ଆଲିଆ ଜଣେ ମହାନ ଅଭିନେତ୍ରୀ । ଆଲିଆ ବହୁତ ଆଗକୁ ଯିବା ଉଚିତ୍ । ମୁଁ ତାଙ୍କ କାମକୁ ପ୍ରଶଂସା କରୁଛି । କିନ୍ତୁ ତାଙ୍କୁ କରଣ ଜୋହରଙ୍କ ଖୁବ୍ ସପୋର୍ଟ ମିଳୁଛି । କାରଣ ଆଲିଆଙ୍କୁ ଫିଲ୍ମରେ ଲଞ୍ଚ କରିଥିଲେ । ଆରମ୍ଭରୁ କରଣ ତାଙ୍କୁ ସମର୍ଥନ କରୁଥିବାରୁ ବି-ଟାଉନ୍‌ରେ ତାଙ୍କର କୌଣସି ଅସୁବିଧା ହୋଇନାହିଁ । କରଣଙ୍କ ଯୋଗୁ ଆଲିଆଙ୍କୁ ସବୁ ଫିଲ୍ମ ମଳେ । ତାଙ୍କ କୋଳକୁ ହିଁ ବଡ ବଡ ଫିଲ୍ମ ଆସି ପଡେ ବୋଲି ଐଶ୍ୱର୍ଯ୍ୟା ରୟ ଏକ ସାକ୍ଷାତକାରରେ କହିଛନ୍ତି ।

'କେଜିଏଫ-୨' ପରେ ରେକର୍ଡ କଲା 'ବ୍ରହ୍ମାସ୍ତ୍ର'ର ଆଡଭାନ୍ସ ବୁକିଂ



ଚଳଚ୍ଚିତ୍ର 'ବ୍ରହ୍ମାସ୍ତ୍ର' ରିଲିଜ୍ ପୂର୍ବରୁ ଅନେକ ରେକର୍ଡ ଭାଙ୍ଗିବାକୁ ବସିଲାଣି । ଏହି ଚଳଚ୍ଚିତ୍ର ରିଲିଜ୍ ପାଇଁ ଆଉ ଦୁଇ ଦିନ ବାକି ଥିବା ବେଳେ ବକ୍ସ ଅଫିସରେ ଏହି ଚଳଚ୍ଚିତ୍ର ବର୍ଷର ସର୍ବୋଚ୍ଚ ଆଡଭାନ୍ସ ବୁକିଂ ତାଲିକାରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି । ସିନେ ସମୀକ୍ଷକମାନେ ଫିଲ୍ମର ଅଗ୍ରୀମ ବୁକିଂ ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଟ୍ୱିଟ୍ କରୁଥିବା ଦେଖାଯାଇଛି । ବ୍ରହ୍ମାସ୍ତ୍ର ବର୍ଷର ଏଭଳି ଏକ ବଲିଉଡ ଚଳଚ୍ଚିତ୍ର ହୋଇପାରିଛି ଯାହାର ଆଡଭାନ୍ସ ବୁକିଂ ନୂଆ ରେକର୍ଡ ସୃଷ୍ଟି କରିବାକୁ ଯାଉଛି । ଚଳିତ ବର୍ଷ କେଜିଏଫ-୨ ଅଗ୍ରୀମ ବୁକିଂ କ୍ଷେତ୍ରରେ ଶୀର୍ଷରେ ରହିଛି । ଏହି ସୁପରହିଟ୍ ଚଳଚ୍ଚିତ୍ର ପରେ ବ୍ରହ୍ମାସ୍ତ୍ର ବର୍ଷର ଦ୍ୱିତୀୟ ସର୍ବୋଚ୍ଚ ଆଡଭାନ୍ସ ବୁକିଂ ଚଳଚ୍ଚିତ୍ର ଭାବରେ ଉଭା ହୋଇଛି । ବ୍ରହ୍ମାସ୍ତ୍ର ପାଇଁ ଏବେ ଆଡଭାନ୍ସ ବୁକିଂ ଜାରି ରହିଛି । କେଜିଏଫ-୨ ପାଇଁ ବକ୍ସ ଅଫିସରେ ୪.୧୧ ଲକ୍ଷ ଟିକେଟର ଆଡଭାନ୍ସ ବୁକିଂ କରାଯାଇଥିଲା । ଏବେ ଅୟାନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ବ୍ରହ୍ମାସ୍ତ୍ର ପାଇଁ ତିନିଟି ଜାତୀୟ ଥିଏଟର ଚେନ୍ସ, ପିଭିଆର୍, ଆଇନକ୍ସ ଏବଂ ସିନେପଲିସରେ ରିଲିଜର ପ୍ରଥମ ଦିନ ପାଇଁ ୧ଲକ୍ଷ ଟିକେଟ୍ ବିକ୍ରି ହୋଇଛି । ବାଣିଜ୍ୟ ବିଶ୍ଳେଷକ ତରନ ଆଦର୍ଶ ଟ୍ୱିଟ୍ କରି ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ଏହା ବ୍ୟତୀତ ଯଦି ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ସପ୍ତାହକ ପାଇଁ ବ୍ରହ୍ମାସ୍ତ୍ରର ୨ଲକ୍ଷରୁ ଅଧିକ ଟିକେଟ୍ ବିକ୍ରି ହୋଇଛି । ଆଡଭାନ୍ସ ବୁକିଂ ଏବେ ବି ଜାରି ରହିଥିବା ବେଳେ ଏହି ସଂଖ୍ୟା ଆଗକୁ ବଢ଼ିବ ବୋଲି ଆଶା କରାଯାଉଛି ।

ଜାମିନ୍ ମିଳିବା ପରେ ବି ଜେଲ୍‌ରେ ରହିବେ କେଆରକେ

ବିବାଦୀୟ ଅଭିନେତା କମାଲ ରସିଦ ଖାନ୍ ଓରଫ୍ କେଆରକେଙ୍କ ଅଢୁଆ ଥମିବାର ନାଁ ଧରୁନି । ଦୁଇ ଦିନ ପୂର୍ବେ ଗିରଫ ହୋଇଥିବା ଅଭିନେତାଙ୍କୁ ଜାମିନ୍ ମିଳିଥିଲେ ମଧ୍ୟ ଜେଲ୍‌ରୁ ମିଳିବନି ମୁକ୍ତି । ସେ ଜେଲ୍‌ରେ ହିଁ ରହିବେ । ନିକଟରେ ସ୍ଥାନୀୟ କୋର୍ଟ କମାଲ ଆର ଖାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ପୁରୁଣା ଯୌନ ଶୋଷଣ ମାମଲାକୁ ନେଇ କେଆରକେଙ୍କୁ ମୁମ୍ବାଇ ମଲାଡ ପୁଲିସ ଗିରଫ କରିଥିଲା । ବର୍ତ୍ତମାନ ଏହି ମାମଲାରେ କେଆରକେଙ୍କୁ ଜାମିନ୍ ପ୍ରଦାନ କରାଯାଇଛି । ଜାମିନ୍ ପାଇବା ପରେ ବି ସେ ଜେଲରେ ହିଁ ରହିବେ । କାରଣ ଦିବଙ୍ଗତ ଅଭିନେତା ଋଷି କପୁର ଓ ଇରଫାନ୍ ଖାନ୍‌ଙ୍କ ବିରୋଧରେ କରିଥିବା ବିବାଦୀୟ ଟ୍ୱିଟ୍ ମାମଲା ଏବେବି ବୋରିଭଲି ମାଜିଷ୍ଟ୍ରେଟ୍ କୋର୍ଟରେ ବିଚାରାଧୀନ ଅଛି । ଅପମାନଜନକ ଟ୍ୱିଟ୍ ଅଭିଯୋଗରେ କେଆରକେଙ୍କୁ ଅଗଷ୍ଟ ୩୦ ରେ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗିରଫ କରାଯାଇଥିଲା । ଏଥି ସହିତ ତାଙ୍କୁ ବୋରିଭଲି ମାଜିଷ୍ଟ୍ରେଟ କୋର୍ଟରେ ହାଜର କରାଯାଇଥିଲା ।

ବାଜିବ ଶାହାନାଇ, ବିବାହ କରିବେ ରିଚା-ଅଲି

ବଲିଉଡରେ ପୁଣି ବାଜିବ ଶାହାନାଇ । ବିବାହ କରିବେ ଦୁଇ ଷ୍ଟାର କପଲ । ହାତକୁ ଦି ହାତ ହେବେ ଅଭିନେତ୍ରୀ ରିଚା ଚଡ୍ଢା ଓ ଅଲ୍ଲି ଫେଜଲ । ଚଳିତ ମାସରେ ହିଁ ସାତ ଫେରା ନେବେ ଏହି ଯୋଡି । ଏଥିପାଇଁ ଚାଲିଛି ଜୋରସୋରରେ ପ୍ରସ୍ତୁତି ।

ରିଚା ଚଡ୍ଢା ଏବଂ ଅଲ୍ଲି ଫେଜଲ ଦୀର୍ଘ ଦିନ ଧରି ସମ୍ପର୍କ ରହିଥିଲେ । ସେମାନଙ୍କ ବିବାହର ଖବର ଦୀର୍ଘ ସମୟ ଧରି ଚର୍ଚ୍ଚାରେ ରହିଆସିଛି । ଗତ ବର୍ଷ କୁହାଯାଉଥିଲା ଯେ ଉଭୟ ବିବାହ ବନ୍ଧନ ବାନ୍ଧି ହେବେ । କିନ୍ତୁ ପରେ କରୋନା ଯୋଗୁଁ ଉଭୟଙ୍କ ବିବାହ ବାତିଲ ହୋଇଥିଲା । ଏବେ ପୁଣିଥରେ ସେମାନଙ୍କ ବିବାହର ଖବର ଚର୍ଚ୍ଚାକୁ ଆସିଛି । ଚଳିତ ମାସ ଶେଷ ସୁଦ୍ଧା ଏମାନେ ବିବାହ କରିବାକୁ ଯାଉଛନ୍ତି । ଏହି ବିବାହ ଉତ୍ସବ ୫ ଦିନ ଧରି ଚାଲିବ । ଏହା ବ୍ୟତୀତ ଉଭୟ ଦିଲ୍ଲୀ ଏବଂ ମୁମ୍ବାଇରେ ରିସେପ୍ସନ୍ ମଧ୍ୟ ଦେବେ । ରିପୋର୍ଟ ଅନୁଯାୟୀ, ବିବାହ ଉତ୍ସବ ଦିଲ୍ଲୀରୁ ଆରମ୍ଭ ହେବ ଏବଂ ମୁମ୍ବାଇ ଯାଏଁ ଚାଲିବ । ମୁମ୍ବାଇରେ ହେବ ଗ୍ରାଣ୍ଡ ରିସେପ୍ସନ୍ । ସେପଟେମ୍ବର ଶେଷ ଆଡକୁ ଆରମ୍ଭ ହୋଇ ଏହି ବିବାହ ଉତ୍ସବ ଅକ୍ଟୋବର ପ୍ରଥମ ସପ୍ତାହ ଯାଏଁ ଚାଲିବ । ବିବାହ ବ୍ୟତୀତ ଦୁହେଁ ପରିବାର ଓ ସାଙ୍ଗସାଥୀଙ୍କ ପାଇଁ ସଂଗୀତ ଏବଂ ମେହେନ୍ଦି ସମାରୋହର ଯୋଜନା କରିଛନ୍ତି ।

ସାଉଥ୍ ମୁମ୍ବାଇର ଏକ ଗ୍ରାଣ୍ଡ ହୋଟେଲରେ ଏହି ରିସେପ୍ସନ୍ ଅନୁଷ୍ଠିତ ହେବ । ଯେଉଁଥିରେ ୩୫୦-୪୦୦ ଅତିଥି ଯୋଗଦେବେ । ବଡ ବଡ ବଲିଉଡ ସେଲିବ୍ରେଟ୍ ମଧ୍ୟ ଏହି ରିସେପ୍ସନ୍‌ରେ ସାମିଲ୍ ହେବା ନେଇ ସୂଚନା ରହିଛି । ଶେଷ ଥର ପାଇଁ 'ଲାହୋର କନଫିଡେଣ୍ଟାଲ୍' ଫିଲ୍ମରେ ନଜର ଆସିଥିଲେ ରିଚା । ସେ ଆଗକୁ ଫୁକ୍‌ରେ-୩ ନଜର ଆସିବେ । ଏହି ଫିଲ୍ମର ଶୁଟିଂ ଆରମ୍ଭ ହୋଇସାରିଛି । ଅନ୍ୟପଟେ ଅଲ୍ଲିଙ୍କ ବିଷୟରେ କହିବାକୁ ଗଲେ ତାଙ୍କୁ ଶେଷ ଥର ପାଇଁ ହଲିଉଡ ଫିଲ୍ମ 'ଡେଥ୍ ଅଫ୍ ଦି ନାଇଲ୍'ରେ ଦେଖିବାକୁ ମିଳିଥିଲା । ଅଲ୍ଲିଙ୍କୁ ବର୍ତ୍ତମାନ 'ଫୁକ୍‌ରେ-୩' ଏବଂ 'ଖୁଫିଆ'ରେ ଦେଖିବାକୁ ମିଳିବ ।

କୃଷ୍ଣଙ୍କ ପରେ ଚନ୍ଦୁଙ୍କ ପାଳି: ଛାଡ଼ିଲେ କପିଲଙ୍କ ହାତ

କମେଡି କିଙ୍ଗ କପିଲ ଶର୍ମାଙ୍କ ପରେ ପଡ଼ିଛି ଚଡ଼କ । ଭାଙ୍ଗିବାରେ ଲାଗିଛି ତାଙ୍କ ଲାଫୁର ଟିମ୍ । ଜଣକ ପରେ ଜଣେ ଆଙ୍କର ଛାଡ଼ିବାରେ ଲାଗିଛନ୍ତି କପିଲଙ୍କ ଶୋ' । ପୂର୍ବରୁ କୃଷ୍ଣ ଅଭିଷେକ ଓ ଭାରତୀ କପିଲଙ୍କ ହାତ ଛାଡ଼ି ସାରିଥିବା ବେଳେ ଏବେ କପିଲଙ୍କୁ ଏକା କରିଦେଲେ ଚନ୍ଦୁ ଓରଫ ଚନ୍ଦନ ପ୍ରଭାକର । ଏନେଇ ଚନ୍ଦନ ଅଫିସିଆଲି ଘୋଷଣା କରି ସାରିଛନ୍ତି । କିଛି ମାସର ବ୍ରେକ୍ ପରେ ଦର୍ଶକଙ୍କୁ ହସାଇବାକୁ ଆସନ୍ତା ୧୦ ତାରିଖରେ ନିଜ ନୂଆ ଟିମ୍ ସହ ଟିଭି ପରଦାକୁ ଆସିଲେ କପିଲ ଶର୍ମା । ହେଲେ ଏଥର ଶୋ'ରେ ବହୁ ପୁରୁଣା ଚେହେରା ସାଙ୍ଗକୁ ନୂଆ ଚେହେରା ବି ସାମିଲ ହୋଇଛନ୍ତି । ଏଥର କିନ୍ତୁ କପିଲଙ୍କ ଶୋ'ରେ ଆଉ ଶୁଣିବାକୁ ମିଳିବନି ଚନ୍ଦୁଙ୍କ ଚୁଟକଲି । କପିଲ ଓ ଚନ୍ଦୁ ଛୋଟ ଦିନର ସାଙ୍ଗ ହୋଇଥିବା ବେଳେ ତାଙ୍କ ଏପରି ନିଷ୍ପତ୍ତି ଫ୍ୟାନ୍ସଙ୍କୁ ଝଟକା ଦେଇଛି । ରିପୋର୍ଟ ଅନୁଯାୟୀ, ଉଭୟଙ୍କ ମଧ୍ୟରେ କୌଣସି ଝଗଡ଼ା ହୋଇନାହିଁ । ଚନ୍ଦୁ କେବଳ ଏକ ବ୍ରେକ୍ ଚାହୁଁଛନ୍ତି । ଚନ୍ଦୁ ଚାୟେବାଲେ କ୍ୟାରେକ୍ଟରରେ ସେ ବୋର ହୋଇଯାଇଥିବାରୁ ଏଥିରୁ ବାହାରିବାକୁ ଚାହୁଁଥିବା କହିଛନ୍ତି ଚନ୍ଦନ ପ୍ରଭାକର । ଶୋ' ଛାଡ଼ିବା ପଛରେ ଏହାବାଦ ସେପରି କୌଣସି ଖାସ୍ କାରଣ ନ ଥିବା ସେ ସ୍ପଷ୍ଟ କରିଛନ୍ତି । କପିଲଙ୍କ ନୂଆ ଶୋ'ର ପ୍ରୋମୋ ଆସି ସାରିଥିବା ବେଳେ ସେଥିରେ ଚନ୍ଦନଙ୍କୁ ଦେଖିବାକୁ ମିଳିଥିଲା । ଏଥିରେ ତାଙ୍କ କ୍ୟାରେକ୍ଟରକୁ ପ୍ରମୋଶନ ଦିଆଯାଇଥିଲା । ଅର୍ଥାତ ତାଙ୍କର ପତ୍ନୀ, ପିଲା ବି ନଜର ଆସିଥିଲେ । ତେବେ ଏହାପରେ ବି ସେ ଶୋ'କୁ ଅଲବିଦା କହିବା ଘଟଣା ଫ୍ୟାନ୍ସଙ୍କ ହଜମ ହେଉନି । ଚନ୍ଦନଙ୍କ ପୂର୍ବରୁ କୃଷ୍ଣ ଅଭିଷେକ ଓ ଭାରତୀ କପିଲଙ୍କ ଶୋ' ଛାଡ଼ିବା କନଫର୍ମ କରି ସାରିଲେଣି । କପିଲଙ୍କ ନୂଆ ଶୋ'ରେ ଅର୍ଚ୍ଚନା ପୂରନସିଂ ଜଜ ସିଟ୍‌ରେ ବସିଥିବାର ଦେଖିବାକୁ ମିଳିବ । ତାଙ୍କ ବାଦ ସିଦ୍ଧାର୍ଥ ସାଗର, ସୁମୋନା ଚକ୍ରବର୍ତ୍ତୀ, କିକୁ ସାରଦା, ସୃଷ୍ଟି ରୋଡେ ପ୍ରମୁଖ ଏହି ଶୋ'ରେ ନଜର ଆସିବେ । ଏହି ଶୋ'ର ପ୍ରଥମ ଏପିସୋଡ ଅକ୍ଷୟ କୁମାରଙ୍କ ସହ ସୁଟ୍ ହୋଇସାରିଥିବା ଜଣାଯାଇଛି ।

ବ୍ରେକ ଅପ୍: ସୁସ୍ମିତାଙ୍କ ନାଁ ହଟାଇଲେ, ପ୍ରୋଫାଇଲ ଫଟୋ ବଦଳାଇଲେ ଲଳିତ ମୋଦି

ଆଇପିଏଲର ପ୍ରତିଷ୍ଠାତା ତଥା ଶିଳ୍ପପତି ଲଳିତ ମୋଦି ଓ ଅଭିନେତ୍ରୀ ସୁସ୍ମିତା ସେନଙ୍କୁ ନେଇ ବଡ଼ ଖବର ଆସିଛି । କିଛି ଦିନ ତଳେ ଲଳିତ ମୋଦି ସୋଶାଲ ମିଡିଆରେ ସୁସ୍ମିତାଙ୍କ ସହ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଥିବା କହିଥିଲେ । ଏଥିସହ ସୁସ୍ମିତାଙ୍କ ସହ କିଛି ରୋମାଣ୍ଟିକ ଫଟୋ ମଧ୍ୟ ଶେୟାର କରିଥିଲେ । ହେଲେ ଏବେ ଏହି ପ୍ରେମରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ଆଶଙ୍କା ସୃଷ୍ଟି ହୋଇଛି । କାରଣ ଲଳିତ ମୋଦି ତାଙ୍କ ସୋଶାଲ ମିଡିଆ ବାୟୋରୁ ସୁସ୍ମିତା ସେନଙ୍କ ନାଁ ହଟାଇ ଦେଇଛନ୍ତି । ସେହିପରି ସେ ସୁସ୍ମିତାଙ୍କ ସହ ଉଠାଇଥିବା ଗୋଟିଏ ଫଟୋକୁ ନିଜ ପ୍ରୋଫାଇଲ ପିକଚର ଭାବେ ରଖିଥିଲେ । କିନ୍ତୁ ଉକ୍ତ ଫଟୋକୁ ମଧ୍ୟ ଲଳିତ ମୋଦି ହଟାଇ ଦେଇଛନ୍ତି । ମାତ୍ର ୨ ମାସ ତଳେ ଲଳିତ ମୋଦି ଓ ସୁସ୍ମିତା ସେନଙ୍କ ପ୍ରେମ ସମ୍ପର୍କ ଚର୍ଚ୍ଚାକୁ ଆସିଥିଲା । ହେଲେ ୨ ମାସ ମଧ୍ୟରେ ସେମାନଙ୍କ ବ୍ରେକଅପକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି । ଆଇପିଏଲର ପ୍ରଥମ ଅଧ୍ୟକ୍

ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲା ପରିକ୍ରମା କରିଛି 'ଅହିଂସା ରଥ'

ଭୁବନେଶ୍ୱର,୮/୦୯ (ନି.ପ୍ର): ବିଶ୍ୱ ଇତିହାସରେ ମାନବିକ ମହାନୁଭବତା ଓ ମୂଲ୍ୟବୋଧର ଜଣେ ଅସାଧାରଣ ମୂର୍ତିମନ୍ତ ପ୍ରତୀକ ଭାବେ ଗାନ୍ଧିଜୀ ଚିରସ୍ମରଣୀୟ । ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ବାର୍ତା ତଥା ଗାନ୍ଧିଜୀଙ୍କ ଅହିଂସା ଓ ଶକ୍ତି, ଜନସାଧରଣଙ୍କଠାରେ ଦେଶ ପ୍ରେମର ନିଦର୍ଶନ ସୃଷ୍ଟି କରବା ଉଦ୍ଦେଶ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଅହିଂସା ରଥ' ସମସ୍ତ ରାଜ୍ୟ ପରିକ୍ରମା କରୁଛି ।

ଆଜି ଦୁଇଟି ଅହିଂସା ରଥ ନବରଙ୍ଗପୁର ଜିଲ୍ଲାରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ତରଫରୁ ନବରଙ୍ଗପୁର ଓ କଳାହାଣ୍ଡି ସୀମାନ୍ତ ଆମ୍ ପାଣି ଘାଟି ନିକଟସ୍ଥ ବିରିମନ୍ପୁର ଛକଠାରେ ରଥ ଦୁଇଟିକୁ ସ୍ୱାଗତ କରି ଅଣାଯାଇଥିଲା । ମଇଦଲପୁରରେ ଏକ ବିରାଟ ଶୋଭାଯାତ୍ରା, ସଂସ୍କୃତିକ କାର୍ଯ୍ୟକ୍ରମରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏଥିରେ ଜିଲ୍ଲାପରିଷଦ ଅଧକ୍ଷ ମୋତି ରାମ ନାୟକ, ଜିଲ୍ଲାପାଳ ଡକଫର କମଳ ଲୋଚନ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରାଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ରନୀକର ସାହୁ, ଉପ ଜିଲ୍ଲାପାଳ ପ୍ରଶାନ୍ତ ରାଉତ, ଜିଲ୍ଲା ସ୍ତରୀୟ ଅଧିକାରୀ, ପାପଡା ହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପଞ୍ଚାୟତିରାଜ ସଭ୍ୟ, ମେୟର, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଗଣମାଧମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ପାପଡାହାଣ୍ଡି ବ୍ଲକ୍ ରୁ ସହିଦ୍ ମିନାର ଯାଏଁ ରଥକୁ ଭବ୍ୟ ସ୍ୱାଗତ କରାଯିବା ସହ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅହିଂସା ରଥ ଆସନ୍ତା ତିନି ଦିନ ମଧରେ ଜିଲ୍ଲାର ଦଶ ଗୋଟି ବ୍ଲକ୍ ଓ ଦୁଇ ଗୋଟି ପୌରପାଳିକା ପରିକର୍ମା କରିବ । ଆଜି ଦୁଇଟି ଅହିଂସା ରଥ, ପାପାଡାହାଣ୍ଡି, କୋଷଗୁମୁଡ଼ା, ଡାବୁଗାଁ, ଚନ୍ଦାହାଣ୍ଡି, ନବରଙ୍ଗପୁର ବ୍ଲକ୍ ପରିକ୍ରମା କରିଛି ।

ଅନୁରୂପ ଭାବରେ କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ୍ ମୁଖ୍ୟାଳୟଠାରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା ଏବଂ ତେଲକୋଇ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଗାନ୍ଧିଜୀ ଓ ଓଡ଼ିଶା ଶୀର୍ଷକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ।

ପରେ ହରିଚନ୍ଦନପୁର ବ୍ଲକ୍ ର ମହାପାଟ ହାଇସ୍କୁଲ, ଜଂଘିରାଠାରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା । ସେଠାରେ ବିଭିନ୍ନ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭିଡ଼ିଓ ସୋ ଅନୁଷ୍ଠିତ ହୋଇଥିଲା । ଦୈତାରୀ ହାଇସ୍କୁଲଠାରେ ମଧ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା । ଏହିସବୁ ସ୍ଥାନରେ ପଞ୍ଚାୟତ ସମିତି ଅଧକ୍ଷା ସନେଇ ନାଏକ, ବିଡ଼ିଓ ପ୍ରଭୁକଲ୍ୟାଣ ଦାଶ, ତହସିଲଦାର ପ୍ରଶନ୍ତ କୁମାର ସେଠୀ, ସିଡ଼ିପିଓ ପ୍ରବୀଣା ନାଏକ, ଥାନା ଅଧିକାରୀ ସସ୍ମିତା ଦେବତାଙ୍କ ସମେତ ଅନ୍ୟ ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଓ ସ୍ଥାନୀୟ ଜନତା ଉପସ୍ଥିତ ରହି ସ୍ୱାଗତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ଘଟଗାଁ ବ୍ଲକ୍ ର ବସନ୍ତପୁର ହାଇସ୍କୁଲ, ପଣ୍ଡାପଡ଼ା, ଢେଙ୍କିକୋଟ, ଘଟଗାଁଠାରେ ଅହିଂସା ରଥକୁ ସ୍ୱାଗତ କରାଯିବା ସହ ସଭା, ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭିଡ଼ିଓ ସୋ ଆୟୋଜିତ ହୋଇଥିଲା । ଝୁଞ୍ଚୁରା ବ୍ଲକ୍ ର ବାଲିବନ୍ଧ ଉଚ୍ଚବିଦ୍ୟାଳୟ, ଅର୍ଶଳା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଝୁଞ୍ଚୁରା ଦଳପଡ଼ିଆ ସ୍ଥାନଗୁଡ଼ିକରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସବୁ ସ୍ଥାନରେ ରଥ ପରିକ୍ରମା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଆୟୋଜିତ ହୋଇଥିଲେ । ଏଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭିଡ଼ିଓ ସୋ ପ୍ରଦର୍ଶିତ ହୋଇଥିଲା ।

ସୂଚନାଯୋଗ୍ୟ ଯେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦି କା ଅମୃତ ମହୋତ୍ସବ ଅବସରରେ ୧୫ ଅଗଷ୍ଟରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ସ୍ୱାଧୀନତାର ସ୍ମାରକୀ ବହନ କରୁଥିବା ୪ ଗୋଟି 'ଅହିଂସା ରଥ' ସାରା ରାଜ୍ୟରେ ପରିକ୍ରମା କରି ଆମ ରାଜ୍ୟର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନାଦର୍ଶର ବାର୍ତା ପ୍ରଚାର କରିବ ।

ରକ୍ଷକ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଅନୁଷ୍ଠିତ

ପୁରୀ ,୮/୦୯ (ନି.ପ୍ର): ସଡକ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଦୁର୍ଘଟଣା ହ୍ରାସ ଓ ଦୁର୍ଘଟଣା ପରେ ପ୍ରଭାବିତ ଙ୍କୁ ତ୍ୱରାନ୍ୱିତ ଉପଯୁକ୍ତ ଚିକିତ୍ସା ପଦକ୍ଷେପ ସମ୍ପର୍କରେ ରକ୍ଷକର ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ବ୍ରହ୍ମଗିରି ବ୍ଲକ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଥିଲା । ବୁଧବାର ଦିନ ପୁରୀ ଆଚଂଳିକ ପରିବହନ ଅଧିକାରୀ ସମୀର କୁମାର ଦଳାଇ ଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା । ଏଥିରେ ଟ୍ରାଫିକ ଡି ଏସ ପି ଏମ୍ ଶତପଥୀ, ବ୍ରହ୍ମଗିରି ବିଡ଼ିଓ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ,ବ୍ରହ୍ମଗିରି ଥାନା ଆଇ ଆଇ ସି ମନୋଜ ଶତପଥୀ, ସହକାରୀ ଏମ ଭି ଆଇ ଅମିତ କୁମାର ରଣା, ମାଷ୍ଟର ଟ୍ରେନର ଇତିଶ୍ରୀ ସୁନ୍ଦରା ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ଟୁରିଷ୍ଟ ପରମିଟ୍‌ରେ ନାଇଟକୋଚ୍; ପରିବହନ ବିଭାଗର ଚଢ଼ଉ ଜୋରଦାର, ୧୨ଗାଡ଼ି ଜବତ କଲାଣି ପରିବହନ ବିଭାଗ

ଭୁବନେଶ୍ୱର,୮/୦୯ (ନି.ପ୍ର): ରାଜ୍ୟ ଭିତରେ ଓ ବାହାର ରଜ୍ୟକୁ ବସ୍ ଚଳାଇବାକୁ ବସ୍ ମାଲିକମାନେ ଟୁରିଷ୍ଟ ପରମିଟ୍ ନେଇଛନ୍ତି । କିନ୍ତୁ ଏଥିରେ ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରକୁ ବିଭିନ୍ନ ରୁଟ୍‌ରେ ଦୈନିକ ବସ୍ ଚଳାଉଥିଲେ । ଏପରିକି କିଛି ବସ୍ ମାଲିକ ନାଇଟ୍ କୋଚ୍ ବସ୍ ଚଳାଉଥିଲେ । କିଛି ବସ୍‌ର ପରମିଟ୍ ରଦ୍ଦ ହୋଇଥିଲେ ବି ସେମାନେ ଏହାକୁ ନମାନି ବସ୍ ଚଳାଉଥିଲେ । ବସ୍‌ରେ ଯାତ୍ରୀ କମ୍ ଅଧିକ ସାମଗ୍ରୀ ପରିବହନ କରୁଥିଲେ । ଏହିପରି ୧୨ଟି ବସ୍‌କୁ ପରିବହନ ବିଭାଗ ଜବତ କରିଛି । ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ମଧରେ ଭୁବନେଶ୍ୱର ଓ ପୁରୀରୁ କୋଲକତା ଅଭିମୁଖେ ଯାଉଥିବା କିଛି ଯାତ୍ରୀବାହୀ ବସ୍‌ର ଯାଞ୍ଚ ସମୟରେ ବସ୍‌ଗୁଡ଼ିକ ନିୟମ ମାନୁନଥିବା ଜଣାପଡ଼ିଥିଲା । ତେଣୁ ସେଗୁଡ଼ିକୁ ସିଜ୍ କରାଯାଇଛି । ଜୁନ ୯ତାରିଖରୁ ଆଜି ପର୍ଯ୍ୟନ୍ତ ହୋଇଥିବା ଯାଞ୍ଚରେ ଜଣାପଡ଼ିଛି ଯେ, ୪ଟି ବସ୍ ଟୁରିଷ୍ଟ ପରମିଟ୍ ନେଇଥିବାବେଳେ ଦୈନିକ ଯାତ୍ରୀବାହୀ ବସ୍ ଭାବେ ଚଳାଉଥିଲେ । ଦୁଇଟି ବସ୍‌ର ପରମିଟ୍ ବାତିଲ୍ ହୋଇଥିବାବେଳେ ଦୁଇଟି ବସ୍‌ର ପରମିଟ୍ ନଥିଲା । କିନ୍ତୁ ସେମାନେ ବିଭିନ୍ନ ରୁଟ୍‌ରେ ଗାଡ଼ି ଚଳାଉଥିଲେ । ଗୋଟିଏ ବସ୍ ସ୍ୱତନ୍ତ୍ର ପରମିଟ୍ ନେଇ ଦୈନିକ ବସ୍ ଚଳାଉଥିବାବେଳେ ଦୁଇଟି ବସ୍ ଯାତ୍ରୀବାହୀ ପରମିଟ୍ ନେଇ ଯାତ୍ରୀ କମ୍ ଅଧିକ ସାମଗ୍ରୀ ପରିବହନ କରୁଥିଲେ । ଏହି ସମସ୍ତ ବସ୍‌କୁ ସିଜ କରି ବିଭିନ୍ନ ଆରଟିଓ କାର୍ଯ୍ୟାଳୟ ଓ ଥାନାରେ ରଖାଯାଇଛି । ଏପରିକି ବସ୍‌ଗୁଡ଼ିକରେ ଜିଏସ୍‌ଟି ଫାଙ୍କି ବିଭିନ୍ନ ସାମଗ୍ରୀ ଅଣାଯାଉଥିବାରୁ କିଛି ବସ୍‌କୁ କମର୍ସିଆଲ ଟ୍ୟାକ୍ସ ଏବଂ ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରାଯାଇଛି । ଏହାସହ ବସ୍‌ଗୁଡ଼ିକରୁ ଜରିମାନା ଆଦାୟ କରିବାକୁ ନୋଟିସ୍ କରାଯାଇଛି ବୋଲି ଜଣାପଡ଼ିଛି ।

ଗଞ୍ଜେଇ ଚାଲାଣ ବେଳେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୮/୦୯ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ବୋଲେରୋ ଗାଡି ଛାଡି ଫେରାର ହୋଇଥିବା ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ବାଲେଲ ଗ୍ରାମର ଯୋଗେଶ ଖରା (୨୦) । ସଦର ପୋଲିସ ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ପାତ୍ରପୁଟ ନିକଟରେ ପୋଲିସ ଗାଡି ଯାଂଚକରୁଥିବା ସମୟରେ ଗତ ଜୁଲାଇ ୨୨ ତାରିଖରେ କୋଟାଛକ ଦେଇ ଏକ ବିନା ନମ୍ବରର ଏକ ବୋଲେରୋ ଗାଡି ଆସୁଥିଲା । ପୋଲିସ କୁ ଦେଖି ବୋଲେରୋ ଗାଡି ଛାଡି ଅଭିଯୁକ୍ତ ଜଙ୍ଗଲ ଭିତରେ ଚମ୍ପଟ ମାରିଥିଲା । ପୋଲିସ ବୋଲେରୋ ଗାଡିକୁ ଯାଂଚ କରି ୯୧ କେଜି ଗଞ୍ଜେଇ ଜବତ କରିଥିଲା । ଗାଡିର କାଗଜ ପାତ୍ର ଯାଂଚ କରି ଅଭିଯୁକ୍ତ ଯୋଗେଶ ଖରାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

ନାଇଜର ପରିସରରେ ହେବ ୨୦୦ ଶଯ୍ୟା ବିଶିଷ୍ଟ କ୍ୟାନ୍ସର ହସ୍ପିଟାଲ

ଭୁବନେଶ୍ୱର,୮/୦୯ (ନି.ପ୍ର): ଜଟଣୀସ୍ଥିତ ନାଇଜର ପରିସରରେ ଏକ ୨୦୦ ଶଯ୍ୟା ବିଶିଷ୍ଟ କ୍ୟାନସର ହସପିଟାଲ ସ୍ଥାପନ ପାଇଁ ଓଡ଼ିଶା ସରକାର ଓ ଟାଟା ମେମୋରିଆଲ ସେଂଟର ମଧରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବୁଧବାରଦିନ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଓ ଟାଟା ମେମୋରିଆଲ ସେଂଟର ପକ୍ଷରୁ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ହସପିଟାଲରେ ମୋଟ ୬୫୦ କୋଟି ଟଙ୍କା ବ୍ୟୟ ହେବ । ଏହା ମଧରୁ ୪୦୦ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ଆଣବିକ ଶକ୍ତି ମନ୍ତ୍ରାଳୟ, ୨୫୦ କୋଟି ଟଙ୍କା ଟାଟା ଟ୍ରଷ୍ଟ ଯୋଗାଇ ଦେବେ । ଅନ୍ୟପକ୍ଷରେ ରାଜ୍ୟ ସରକାର ଏହି ହସପିଟାଲ ପାଇଁ ୪୦ ଏକର ଜମି ଓ ଅନ୍ୟାନ୍ୟ ଭିତିଭୂମି ଯୋଗାଇ ଦେବେ । ଏହା ସହିତ ରାଜ୍ୟ ସରକାର ରେଡିଓ ଆଇସୋଟପ୍ସ ନିମନ୍ତେ ଏକ ସାଇକ୍ଲୋଟ୍ରୋନ ମେସିନ ଯୋଗାଇ ଦେବେ । ପ୍ରଥମ ପର୍ଯ୍ୟାୟରେ ଏହି ହସପିଟାଲ ପାଇଁ ନାଇଜର ୧୭ ଏକର ଜମି ଯୋଗାଇ ଦେବ । ପରେ ଏହାର ସଂପ୍ରସାରଣ ପାଇଁ ରାଜ୍ୟ ସରକାର ଆଉ ୪୦ ଏକର ଜମି ଯୋଗାଇଦେବେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି କ୍ୟାନସର ହସପିଟାଲ କେବଳ ଓଡ଼ିଶାବାସୀ ନୁହନ୍ତି, ରାଜ୍ୟ ବାହାରର ଲୋକମାନଙ୍କ ବି ଆବଶ୍ୟକତା ମେଂଟାଇବ । ଏହି ହସପିଟାଲ ସ୍ଥାପନକୁ ସାକାର କରିଥିବାରୁ ସେ କେନ୍ଦ୍ର ସରକାର, ଟାଟା ଟ୍ରଷ୍ଟ ଓ ନାଇଜରକୁ କୃତଜ୍ଞତା ଜଣାଇଛନ୍ତି । ଏହି ପ୍ରକଳ୍ପ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଘରୋଇ କ୍ଷେତ୍ର ମଧରେ ସମନ୍ୱୟର ଏକ ଉଦାହରଣ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ , ଟିଏମସି ମୁମ୍ବାଇର ନିର୍ଦ୍ଦେଶକ ରାଜେନ୍ଦ୍ର ବାଦୱି , ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର , ଉନ୍ନୟନ କମିଶନର ପ୍ରଦୀପ ଜେନା, ନାଇଜରର ନିର୍ଦ୍ଦେଶକ ଏବଂ ଏନଏଚଏମ୍ ର ନିର୍ଦ୍ଦେଶିକା ପ୍ରମୁଖ ଉପସ୍ଥିତ ଥିଲେ ।

ଗ୍ରାମାଞ୍ଚଳରେ ଲୁକ୍କାୟିତ କଳାର ବିକାଶ ପାଇଁ ନୃତ୍ୟ ପ୍ରତିଯୋଗିତା

କନ୍ଧମାଳ ,୮/୦୯ (ନି.ପ୍ର): ଜି. ଉଦୟଗିରି ଗ୍ରାମାଞ୍ଚଳରେ ଲୁକାୟିତ କଳାର ବିକାଶ ପାଇଁ ଗ୍ରାମାଞ୍ଚଳର ଛୋଟ ବଡ଼ କଳାକାର ମାନଙ୍କୁ ନେଇ ଅଗ୍ରପୂଜ୍ୟ ଗଣେଶ ପୂଜା ଅବସରରେ କଳାର ବିକାଶ ପାଇଁ ଜି ଉଦୟଗିରି ବ୍ଲକ ଅନ୍ତର୍ଗତ କିଲାଳିଆ ଠାରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସୁଷମା ପ୍ରଧାନ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧରେ ଉଦୟନାଥ ପ୍ରଧାନ, ବାସୁଦେବ ପ୍ରଧାନ, ମାଜିରା ପ୍ରଧାନ, ଜନେକ ପ୍ରଧାନ , ପ୍ରଶାନ୍ତ ପ୍ରଧାନ ଓ ବକ୍ସି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

କୋଲକାତାରେ 'ମେକ୍ ଇନ୍ ଓଡ଼ିଶା-ରୋଡ଼୍ ସୋ'

ଭୁବନେଶ୍ୱର,୮/୦୯ (ନି.ପ୍ର): ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ହେବାକୁ ଥିବା ତୃତୀୟ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୨ରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପକୁ ପ୍ରମୁଖ ସ୍ଥାନ ଦେବା ପାଇଁ ବୁଧବାର କୋଲକାତାଠାରେ ଏକ ରୋଡ଼୍ ସୋ'ର ଆୟୋଜନ କରାଯାଇଥିଲା । କୋଲକାତାଠାରେ ଏହି ରୋଡ଼୍ ସୋ'ରେ ଯୋଗଦାନ କରି ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ କହିଲେ ଯେ, ହସ୍ତତନ୍ତ ଓ ବୟନଶିଳ୍ପ ଏପରି ଏକ କ୍ଷେତ୍ର ଯେଉଁଥିରେ ଓଡ଼ିଶା ଆଗାମୀ ଦିନରେ ଅଧିକ ଅଭିବୃଦ୍ଧି ହାସଲ କରିବା ଲକ୍ଷ୍ୟ ରଖିଛି । ଓଡ଼ିଶାରେ ବୟନଶିଳ୍ପ ଆକର୍ଷଣର କେନ୍ଦ୍ରବିନ୍ଦୁ ଓ ଏକ ଅଗ୍ରଣୀ କ୍ଷେତ୍ର । ପୁଂଜିନିବେଶକାରୀମାନେ ଓଡ଼ିଶାରେ ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ଅଧିକ ପୁଂଜି ବିନିଯୋଗ କରିବାକୁ ମନ୍ତ୍ରୀ ଶ୍ରୀମତୀ ସାହୁ ଆହ୍ୱାନ ଦେଇଥିଲେ । ଏହି ରୋଡ଼୍ ସୋ'ରେ ଉଦ୍‌ବୋଧନ ଦେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଉପସ୍ଥିତ ଥିବା ସମସ୍ତ ନିବେଶକମାନଙ୍କୁ ଓଡ଼ିଶାରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ରେ ପ୍ରତ୍ୟକ୍ଷ ଭାବରେ ଯୋଗଦେଇ ଓଡ଼ିଶାରେ ଉପଲବ୍ଧ ଥିବା ସୁଯୋଗ ସଂପର୍କରେ ଅବଗତ ହେବା ପାଇଁ ଅନୁରୋଧ କରିଥିଲେ । ଓଡ଼ିଶା ସବୁବେଳେ ଅନନ୍ୟ ହସ୍ତତନ୍ତ ପାଇଁ ପ୍ରସିଦ୍ଧି ଲାଭ କରିଛି ବୋଲି ଦୋହରାଇବା ସହ ଟେକ୍‌ନିକାଲ ଟେକ୍ସଟାଇଲ୍ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରୁଛନ୍ତି ବୋଲି ଶ୍ରୀମତୀ ଶର୍ମା ଉଲ୍ଲେଖ କରିଥିଲେ । ଓଡ଼ିଶା ବୟନ ନୀତି (ଟେକ୍ସଟାଇଲ୍ ପଲିସି) ଏକ ସର୍ବୋତମ ଶିଳ୍ପନୀତି ଭାବେ ପରିଗଣିତ ବୋଲି ଶ୍ରୀମତୀ ଶର୍ମା ତାଙ୍କ ଉଦ୍‌ବୋଧନରେ କହିଥିଲେ । ଓଡ଼ିଶା ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ଏହି ଅବସରରେ ଉଦ୍‌ବୋଧନ ଦେଇ ନିବେଶକାରୀମାନେ ଓଡ଼ିଶାରେ ସେମାନଙ୍କର ଟେକ୍ସଟାଇଲ୍ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ପଶ୍ଚିମବଙ୍ଗ ରାଜ୍ୟ ପରିଷଦ ଏବଂ ଚାରମୋକ୍ ହସ୍‌ପିଟାଲ୍ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ଶର୍ମା ଓଡ଼ିଶା ସରକାରଙ୍କର ଏଭଳି ଦୃଢ଼ ପଦକ୍ଷେପ ଏବଂ ଶିଳ୍ପ ଅନୁକୂଳ ବାତାବରଣ ସୃଷ୍ଟିର ଭୂୟସୀ ପ୍ରଶଂସା କରିବା ସହିତ ମେକ୍ ଇନ୍ ଓଡ଼ିଶାରେ ଯୋଗଦାନ କରିବା ପାଇଁ ନିବେଶକମାନଙ୍କୁ ଅନୁରୋଧ କରିଥିଲେ । ଆଦିତ୍ୟ ବିର୍ଲା ଗ୍ରୁପ୍ ର ଓଡ଼ିଶା ମୁଖ୍ୟ ଶ୍ରୀ ଅର୍ଦ୍ଧେନ୍ଦୁ ମହାପାତ୍ର ଏବଂ ଇଣ୍ଡିଆନ୍ ଅଏଲ୍ ର ବରିଷ୍ଠ ଅଧିକାରୀ ଏହି ଅବସରରେ ଉପସ୍ଥିତ ରହି ଓଡ଼ିଶା ସରକାରଙ୍କ ଶିଳ୍ପନୀତି ଓ ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ ।

ରାଜ୍ୟରେ ଆଜି ୨୬୯ କରୋନା ପଜିଟିଭ: ୪୮ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୮/୦୯ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୨ ଶହ ଉପରେ ରହିଛି । ଗତକାଲି ୩୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧରେ ୨୬୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧରୁ ୧୫୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୧୨ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧରେ ୪୮ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୪ଟି ଜିଲ୍ଲାରୁ ୨୩୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬୭ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧରେ ବାଲେଶ୍ୱର ଜିଲ୍ଲାରୁ ୭, ବରଗଡ଼ରୁ ୫, ବଲାଙ୍ଗୀରରୁ ୬ ଜଣ, ବୌଦ୍ଧରୁ ୨, କଟକରୁ ୨୧ ଜଣ, ଦେବଗଡ଼ରୁ ୫, ଗଜପତିରୁ ୩ ଜଣ, ଗଞ୍ଜାମରୁ ୧, ଜଗତସିଂହପୁରରୁ ୫ ଜଣ, ଯାଜପୁରରୁ ୧୦ ଜଣ, ଝାରସୁଗୁଡ଼ାରୁ ୩, କଳାହାଣ୍ଡି ଜିଲ୍ଲାରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୧, କେନ୍ଦୁଝରରୁ ୭, ଖୋର୍ଦ୍ଧା ଜିଲ୍ଲାରୁ ୬୭, କୋରାପୁଟରୁ ୧, ମୟୂରଭଞ୍ଜରୁ ୯ ଜଣ, ନବରଙ୍ଗପୁରରୁ ୧୬ ଜଣ, ନୟା

କ୍ଲଷ୍ଟର ସ୍ତରୀୟ ଗୁରୁଦିବସ ପାଳିତ

ଉଦଳା, ୦୮/୦୯ (ନି.ପ୍ର): ଉଦଳା ବ୍ଲକ ଅଧିନସ୍ଥ ପାଟଶାଣୀପୁର ପ୍ରାଥମିକ ବିଦ୍ୟାଳୟ ଠାରେ ପାଟଶାଣୀପୁର କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ କ୍ଲଷ୍ଟର ସ୍ତରୀୟ ଗୁରୁଦିବସ ବହୁ ଧୁମଧାମରେ ପାଳିତ ହୋଇ ଯାଇଛି । ଉକ୍ତ ଦିବସରେ ପାଟଶାଣୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସିଆରସିସି କୃଷ୍ଣ ଚନ୍ଦ୍ର ମହାନ୍ତ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ସିଂହ ମୁଖ୍ୟବକ୍ତା, ଓଷ୍ଟାର ମୟୂରଭଞ୍ଜ ଉପସଭାପତି କୋକିଳଚନ୍ଦ୍ର ମହାନ୍ତ ସମ୍ମାନୀୟ ଅତିଥି ଓ ବରିଷ୍ଠ ଶିକ୍ଷକ ଦୁଲାରାମ ହାଁସଦାଃ ଅତିଥି ପରିଚୟ ପ୍ରଦାନ କରିଥିଲେ । ଚୟନ କମିଟିରୁ ଚୟନ ହୋଇଥିବା ଦୁଇଜଣ ଯୋଗ୍ୟ କୃତି ଶିକ୍ଷକ ମେଘନାଦ ମୁର୍ମୁ ପ୍ରଧାନ ଶିକ୍ଷକ ପ୍ରାଥମିକ ବିଦ୍ୟାଳୟ ତେନ୍ତଳାଙ୍କୁ କ୍ଲଷ୍ଟର ସ୍ତରୀୟ ଆଦର୍ଶ ଶିକ୍ଷକ- ୨୦୨୨ ଓ ମାନସ ରଞ୍ଜନ ମିରିଡିଆ ସହକାରୀ ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ ପାଟଶାଣୀପୁରଙ୍କୁ କ୍ଲଷ୍ଟର ସ୍ତରୀୟ ଶିକ୍ଷାଜ୍ୟୋତି ସମ୍ମାନ -୨୦୨୨ ରେ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶେଷରେ ଶିକ୍ଷକ କିଶୋର କୁମାର ସିଂ ଧନ୍ୟବାଦ ଅର୍ପଣ ପୂର୍ବକ ସଭାସାଙ୍ଗ ସାଙ୍ଗ କରିଥିଲେ ।

ଧରା ପଡିଲା ଚୋରା ବାଲି ଟ୍ରାକ୍ଟର : ଜୋରିମାନା ଆଦାୟ

ବସ୍ତା,୦୮/୦୮ (ନି.ପ୍ର): ଚୋରାରେ ବାଲି ପରିବହନ କରୁଥିବା ଏକ ଟ୍ରାକ୍ଟର କୁ ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାଶ ସିଂଲା ଠାରେ ଧରିଛନ୍ତି ।ଗୁରୁବାର ଏହି ଟ୍ରାକ୍ଟର ବାଲି ନେଇ ଯାଉଥିବା ବେଳେ ଧର ।ପଡି ଜୋରିମାନା ବାବଦକୁ ୧୩ ହଜାର ୬୦୨ ଟଙ୍କା ତହସିଲ ରେ ପଇଠ କରିଛନ୍ତି ।ଟ୍ରକ, ଟ୍ରାକ୍ଟର ପ୍ରଭୁତିରେ ରୀତିମତ ବାଲି ଜଳକା, ସୁବର୍ଣ୍ଣରେଖା ରୁ ଲୁଚାଛପା ରେ ଉତ୍ତୋଳନ କରି ଚୋରା ଚାଲାଣ ହେଉଥିବା ବିଶେଷ କରି ଛୁଟି ଦିନ ମାନଙ୍କରେ ଏହା ଚାଲିଥିବାରୁ ଏଥପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଟେଲମା-୪୦ ଓ ଟେଲମା-ଏମଏମ....

କରାଯାଇଛି । ତେବେ ଏହି ଔଷଧ ପାଟଣା, ବିହାର, ବେଙ୍ଗାଲୁରୁରୁ କଟକ ଓ ଭୁବନେଶ୍ୱର ବଜାରକୁ ଆସିଥିବା ଜଣାପଡିଛି । କଟକ, ଭୁବନେଶ୍ୱର, ବାଲେଶ୍ୱର ସମେତ, ରାଜ୍ୟର ପ୍ରାୟ ୭ଟି ଅଂଚଳକୁ ଏହି ଔଷଧ ଯାଇଥିବା ଜଣାପଡ଼ିଛି । ପାଖାପାଖି ହଜାରେ ଦୋକାନକୁ ଏହି ମେଡିସିନ୍ ଯାଇଥିବା ଆଶଙ୍କା କରାଯାଉଛି । ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ ଏଯାଏ ଏଭଳି ୩୦ ଲକ୍ଷ ଟଙ୍କାର ଔଷଧ ଜବତ କରି ସାରିଲାଣି । ତେବେ ଏହା ନକଲି ହୋଇଥିଲେ ତାହା ସମସ୍ୟାରେ ପକାଇପାରେ ବୋଲି ବିଶେଷଜ୍ଞ କହିଛନ୍ତି । କରୋନା ସମୟରେ କଟକରୁ ପେଟି ପେଟି ନକଲି ଔଷଧ ଜବତ ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା । ଏହି ଘଟଣାରେ ବ୍ୟବସାୟୀଙ୍କ ସମେତ ତାଙ୍କ ପତ୍ନୀ ଓ କର୍ମଚାରୀଙ୍କୁ ଗିରଫ ବି କରାଯାଇଥିଲା । ଏହି ମାମଲା ଏବେ ବି ବିଚାରାଧିନ ରହିଛି । ଆଉ ଏହା ଭିତରେ ପୁଣି ରକ୍ତଚାପ ଔଷଧ ନକଲ କରାଯାଇ ବଜାରକୁ ଛଡାଯିବା ଉଦବେଗର ବିଷୟ ହୋଇଛି ।

ଚାନ୍ଦିପୁରରୁ କ୍ୟୁଆରଏସଏଏମ୍‌ର....

ଡିଆରଡିଓ ଏବଂ ଭାରତୀୟ ସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ପରୀକ୍ଷଣଗୁଡିକ ସ୍ୱଦେଶୀ ରେଡିଓ ଫ୍ରିକ୍ୱେନ୍ସି (ଆରଏଫ) ସନ୍ଧାନକାରୀ, ଭ୍ରାମ୍ୟମାଣ ଲଂଚର୍, ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କମାଣ୍ଡ ଏବଂ କଂଟ୍ରୋଲ୍ ସିଷ୍ଟମ୍, ସିସିଟିଭି ଏବଂ ମଲ୍ଟି ଫଙ୍କସନ୍ ରାଡାର ସହିତ ସମସ୍ତ ସ୍ୱଦେଶୀ-ବିକଶିତ ସବ୍-ସିଷ୍ଟମକୁ ନେଇ ବୃଡାନ୍ତ ପରୀକ୍ଷଣ କରାଯାଇଥିଲା । କ୍ୟୁଆରଏସଏଏମ୍ ଅସ୍ତ୍ର ପ୍ରଣାଳୀର ସ୍ୱତନ୍ତ୍ରତା ହେଉଛି ଏହା ସର୍ଚ୍ଚ ଏବଂ ଟ୍ରାକ୍ ସାମର୍ଥ୍ୟ ଏବଂ ଅଳ୍ପ ସମୟରେ ଉତକ୍ଷେପଣ କରିପାରିବ । ଏହା ପୂର୍ବରୁ କରାଯାଇଥିବା ପରୀକ୍ଷା ସମୟରେ ଏହା ପ୍ରମାଣିତ ହୋଇଛି । ସଫଳ ପରୀକ୍ଷଣ ପାଇଁ ରକ୍ଷାମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଡିଆରଡିଓ ଏବଂ ଭାରତୀୟ ସେନାକୁ ପ୍ରଶଂସା କରିଛନ୍ତି । ସେ ଆତ୍ମବିଶ୍ୱାସର ସହ ଦର୍ଶାଇଛନ୍ତି ଯେ ସଶସ୍ତ୍ର ବାହିନୀ ପାଇଁ କ୍ୟୁଆରଏସଏଏମ୍ ଅସ୍ତ୍ର ପ୍ରଣାଳୀ ଏକ ଉତ୍କୃଷ୍ଟ ଶକ୍ତି ହେବ । ପ୍ରତିରକ୍ଷା ଆର ଆଣ୍ଡ ଡି ସଚିବ ଏବଂ ଡିଆରଡିଓର ଅଧକ୍ଷ ସଫଳ ପରୀକ୍ଷଣ ସହିତ ଜଡିତ ଟିମ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ କହିଛନ୍ତି ଯେ ଭାରତୀୟ ସେନାରେ ସାମିଲ ପାଇଁ ଏହାର୍ତମାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ।

୧୨୦ ବର୍ଷ ପରେ କୋଣାର୍କରୁ ....

ପ୍ରାଙ୍ଗଣରେ ପୂଜାର୍ଚ୍ଚନା କରାଯାଇଛି । ବାଲି କଢ଼ାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦୁଇ ପ୍ରକାର ମତ ପ୍ରକାଶ ପାଇଛି । ଭାରତର ସପ୍ତମଆଶ୍ଚର୍ଯ୍ୟ ମଧ୍ୟରେ ଅନ୍ୟତମ କୋଣାର୍କ ସୂର୍ଯ୍ୟମନ୍ଦିରକୁ ନେଇ ଆଜି ବି ରହିଛି ଅନେକ ରହସ୍ୟ । କୁହାଯାଏ, ମୂଳ ମନ୍ଦିର ପୋତି ହୋଇରହିଛି, କେବଳ ମୁଖଶାଳା ଦୃଶ୍ୟମାନ ହେଉଛି । ଯେଉଁ ଅଂଶ ଦେଖାଯାଉଛି, ସେଥିରେ ମଧ୍ୟ ଅନେକ ରହସ୍ୟ ଲୁଚି ରହିଛି । ଗୋଟିଏ ପଟେ କୋଣାର୍କର ସୁରକ୍ଷା, ଅନ୍ୟପଟେ କୋଣାର୍କକୁ ନେଇ ସମସ୍ତଙ୍କ ମନରେ ରହିଛି ଉତ୍କଣ୍ଠା ।

ଓଡିଶାରେ ଆରମ୍ଭ ହେବ ଅନଲାଇନ୍‌ରେ....

ବୋଲି ମନ୍ତ୍ରୀ କହିଛନ୍ତି । ହିନ୍ଦୁ ଧର୍ମର ଭାବାବେଗ ଆଘାତ ନ ହେବା ଭଳି ଏକ ୱେବ୍ ପୋର୍ଟାଲ ପ୍ରସ୍ତୁତ କରାଯିବ । ଏହି ୱେବ୍ ପୋର୍ଟାଲ ମାଧ୍ୟମରେ ବିଭିନ୍ନ ମନ୍ଦିରରେ ହେଉଥିବା କାର୍ଯ୍ୟକ୍ରମ, ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର କେଉଁ ସମୟରେ ଖୋଲୁଛି ଓ ବନ୍ଦ ହେଉଛି, ମନ୍ଦିରରେ ହେଉଥିବା ବିଭିନ୍ନ ପ୍ରକାରର ସେବା ସମ୍ପର୍କରେ ଶ୍ରଦ୍ଧାଳୁ ତଥ୍ୟ ପାଇପାରିବେ । ଏହାସହ ଯେଉଁ ମନ୍ଦିରକୁ ଚାହିଁବେ ସେହି ମନ୍ଦିରକୁ ଦାନ ମଧ୍ୟ କରିପାରିବେ । ମନ୍ଦିର ଗୁଡ଼ିକର ଜମା ଖାତା ସରକାରୀ ବ୍ୟାଙ୍କରେ ରହିବ । ହେଲେ ଅନଲାଇନ୍ ପେମେଂଟ ପାଇଁ ପେମେଂଟ ଗେଟ୍ ୱେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ରହିବ ବୋଲି ନିଷ୍ପତି ହୋଇଛି ।

ଆଶାଦେବୀ ସ୍ମୃତି ପରିଷଦର ମେଧା ପୁରସ୍କାର ବଣ୍ଟନ ଏବଂ ଧନେଶ୍ୱର ପଣ୍ଡାଙ୍କ ଗଳ୍ପ ଓ ଭକ୍ତି କବିତା ପୁସ୍ତକର ପାଠକାର୍ପଣ



ବାରିପଦା, ୦୮/୦୯ (ନି.ପ୍ର): ଅପରାହ୍ନରେ ନହରପଦା ଉ.ପ୍ରା. ବିଦ୍ୟାଳୟ ପ୍ରାଙ୍ଗଣରେ ସ୍ମୃତି ପରିଷଦର ପ୍ରଥମ ସାଧରଣ ସଭା ଅନୁଷ୍ଠିତ ହୋଇଯାଇଛି । ମଞ୍ଚାସୀନ ଅତିଥିମାନେ ଇଷ୍ଟଦେବ ଶ୍ରୀ ଦୁର୍ଗା ମାଧବଙ୍କ ଫଟୋ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୁଷ୍ପାର୍ଘ୍ୟ ପ୍ରଦାନ ପରେ ଦିବଂଗତ ଶିକ୍ଷୟିତ୍ରୀ ଆଶା ଦେବୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରି ୨ ମିନିଟ ନୀରବ ପ୍ରାର୍ଥନା କରିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସଭାରେ ପୂର୍ବ ବିଭାଗର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ଇଂ. ରବୀନ୍ଦ୍ର ନାଥ ବେହେରା ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ସମ୍ବର୍ଦ୍ଧିତ ବିଶିଷ୍ଟ ସମାଜସେବ ଶ୍ରୀଯୁକ୍ତ ମୁରାଲୀ ଲାଲ ଶର୍ମା, ସମ୍ମାନିତ ଭାବରେ ବାରିପଦା ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ ପ୍ରଭାତୀ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ସାହିତ୍ୟିକ ବାଗ୍ମୀ ଡକ୍ଟର ନୀଳକଣ୍ଠ ମିଶ୍ର, ସମ୍ମାନିତ ବକ୍ତାଭାବରେ ପ୍ରାଧାପକ ତଥା ସୁ-ସାହିତ୍ୟିକ ଡକ୍ଟର ମୋହିତ ଷଡଙ୍ଗୀ, ଗଳ୍ପ ପୁସ୍ତକ ' ଆପଣା କଲା କର୍ମମାନ'ର ସମୀକ୍ଷକ ଭାବରେ ଇଂରାଜୀ ପ୍ରାଧାପକ ଡକ୍ଟର ମେଜର ଶ୍ରୀ ରବୀନ୍ଦ୍ର ନାଥ ପରିଡା, ଭକ୍ତି କବିତା ପୁସ୍ତକ ' ନୀଳାଚଳ ଦର୍ଶନମ୍' ସମୀକ୍ଷକ ଭାବେ ସୁ-ସାହିତ୍ୟିକ, ପ୍ରବଚକ, ବାଗ୍ମୀ ପଣ୍ଡିତ ଭାଗବତ ପଣ୍ଡାଙ୍କ ସମେତ ସ୍ମୃତି ପରିଷଦର ସମ୍ପାଦକ ଶ୍ରୀ ବଳରାମ ନାଥ ଏବଂ ପରିଷଦର ପ୍ରତିଷ୍ଠାତା, କବି ଓ ଗାଳ୍ପିକ ଧନେଶ୍ୱର ପଣ୍ଡା ମଞ୍ଚାସୀନ ଥିଲେ । ଅଧକ୍ଷଙ୍କ ସ୍ୱାଗତ ସମ୍ଭାଷଣ ପରେ ଦିବଂଗତ ଆଶା ଦେବୀ ଜୀବିତାବସ୍ଥାରେ ଜଡିତ ଥିବା ଶିକ୍ଷା, ସଂସ୍କୃତି, ସାହିତ୍ୟ ଓ ସମାଜସେବା କାର୍ଯ୍ୟକୁ ଆଗେଇ ନେବା ଲକ୍ଷ୍ୟ ରଖି, ପରିଷଦ କାର୍ଯ୍ୟ କରିବ ବୋଲି ସମ୍ପାଦକୀୟ ଭାଷଣରେ ପ୍ରକାଶ କରିଥିଲେ । ଶ୍ରୀ ବଳରାମ ନାଥ, ସହକର୍ମୀ ଶ୍ରୀମତୀ ପାର୍ବତୀ ଦେ ସ୍ୱର୍ଗୀୟା ଆଶା ଦେବୀଙ୍କ ସ୍ମୃତି ଚାରଣ କରିଥିଲେ । ତତ୍‌ପରେ ବିଭିନ୍ନ ବିଦ୍ୟାଳୟର କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ଓ ସିଲ୍ଡ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । କବୟତ୍ରୀ ବାସନ୍ତୀଲତା ମହାପାତ୍ର ମାନପତ୍ର ପାଠ କରିଥିଲେ । ସଭାର ଦ୍ୱିତୀୟ ପର୍ବରେ ସ୍ମୃତି ପରିଷଦର ପ୍ରତିଷ୍ଠାତା ତଥା ଗଳ୍ପ ଓ ଭକ୍ତି କବିତା ପୁସ୍ତକର ରଚୟିତା ଶ୍ରୀ ଧନେଶ୍ୱର ପଣ୍ଡା ସହ-ଧର୍ମିଣୀ ସ୍ୱର୍ଗୀୟା ଆଶାଦେବୀଙ୍କ ସ୍ମୃତିଚାରଣ କରି ନିଜ ଲେଖକୀୟ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ । ମଞ୍ଚାସୀନ ଅତିଥିଙ୍କ ସମେତ ସଭ୍ୟମାନଙ୍କ ଉପସ୍ଥିତି ପାଇଁ କୃତଜ୍ଞତ ଜଣେଇ ବିନମ୍ରତାର ସହ ଧନ୍ୟବାଦ ଅର୍ପଣ କରିଥିଲେ ।

କୁନ୍ଦନ କୁମାର ରୂପସା ଆରପିଏଫ ଥାନା ଆଇଆଇସି

ବସ୍ତା,୦୮/୦୯ (ନି.ପ୍ର): ରୂପସା ଫାଣ୍ଡି ଦୁଇ ତାରିଖରୁ ଥାନାରେ ପରିଣତ ହୋଇଛି ।ଏହି ନୂତନ ଥାନାରେ ଆଇଆଇସି ଭାବେ କୁନ୍ଦନ କୁମାର ଝା ଯୋଗ ଦେଇଛନ୍ତି । ସେ ଏଥି ପୂର୍ବରୁ ଛତିଶଗଡ ରେ ଥିଲେ । ଏବେ ଉକ୍ତ ଥାନାରେ ଜଣେ ଆଇଆଇସିଙ୍କ ବ୍ୟତୀତ ଜଣେ ସବ ଇନିସ୍ପେକ୍ଟର, ୪ ଜଣ ଏଏସଆଇ ଓ ୧୫ ଜଣ କନେଷ୍ଟବଳ ଅଛନ୍ତି ।ଏଠାରେ ଭବିଷ୍ୟତ ରେ ଆହୁରି ୨୩ ଜଣ ଷ୍ଟାଫ ଏହିପରି ମୋଟ ୪୫ ଜଣ ଷ୍ଟାଫ ରହିବେ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ଏହି ଥାନାର ପରିସୀମା ହଳଦୀପଦା ଷ୍ଟେସନରୁ ଲକ୍ଷଣନାଥ ଓ ରୂପସ ।ରୁ ଠ ।କୁରମୁଣ୍ଡା ଷ୍ଟେସନ ପର୍ଯ୍ୟନ୍ତ ରହିବ । ଏଣିକି ବିଭିନ୍ନ ଷ୍ଟେସନ ର ବୁକିଙ୍ଗ କାଉଣ୍ଟର ରୁ ସାଧାରଣ ଯାତ୍ରୀ ସୁରୁଖୁରରେ ଓ ଶୃଙ୍ଖଳିତ ଭାବେ ଟ୍ରେନ ଟିକଟ କିଣି ପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି ।

ରାଜଧାନୀରେ ୪୫ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୦୮/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଗୁରୁବାର ମୋଟ ୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୬୩ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୨୪୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୧ ଲକ୍ଷ ୬୩ ହଜାର ୧୩୮ ଜଣ ସୁସ୍ଥ ହୋଇଛନ୍ତି । ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୮୯୧ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଗତକାଲି ଭୁବନେଶ୍ୱରରେ ୫୦ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

ବୀର ସୁରେନ୍ଦ୍ର ସାଏ ଆୟୁବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଚକ୍ଷୁଦାନ ଶିବିର ଅନୁଷ୍ଠିତ

ଭୁବନେଶ୍ୱର,୦୮/୦୯ (ନି.ପ୍ର): ବୁର୍ଲାରେ ଚଳିତବର୍ଷ ଚକ୍ଷୁଦାନ ପକ୍ଷ ୨୫.୦୮୫.୨୦୨୨ ରିଖଠାରୁ ତା ୦୮.୦୯.୨୨ ରିଖ ପର୍ଯ୍ୟନ୍ତ ପ୍ରତିଷ୍ଠାନର ଡିନ୍ ଓ ଅଧକ୍ଷ ଡାକ୍ତର ଜୟଶ୍ରୀ ଡେରା ଏବଂ ଚକ୍ଷୁ ବିଭାଗୀୟ ମୁଖ୍ୟ ଡାକ୍ତର କହ୍ନେଇ ଚରଣ ଟୁଡୁଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ଏହି ଚକ୍ଷୁଦାନ ପକ୍ଷରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ତଥା ସାଧାରଣ ଜନତାଙ୍କ ମଧ୍ୟରେ ଚକ୍ଷୁଦାନର ମହତ୍ତ୍ୱ ବୁଝାଇବା ଲାଗି ବିଭିନ୍ନ ସ୍ଲୋଗାନ ଓ ବ୍ୟାନର ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା । ଚକ୍ଷୁଦାନକୁ ପ୍ରୋତ୍ସାହିତ କରିବା ପାଇଁ ଚକ୍ଷୁ ସହଯୋଗୀ ଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ଚକ୍ଷୁ ଚିକିତ୍ସକ ମାନଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ଓଡ଼ିଶା ରାଜ୍ୟ ଚକ୍ଷୁ ଚିକିତ୍ସକ ସଂଘ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଚକ୍ଷୁଦାନ ପକ୍ଷର ସଫଳ ରୂପାୟନ ପୂର୍ବକ ୫୦ଜଣ ଡାକ୍ତର ଛାତ୍ର ଏବଂ କର୍ମଚାରୀ ନିଜର ଚକ୍ଷୁଦାନ ନିମିତ୍ତ ଲିଖିତ ସହମତି ଜଣାଇଥିଲେ ।

ବିଦ୍ୟାଳୟର ଆଲମାରୀ ଓଲଟି ୨ଛାତ୍ରୀ ଗୁରୁତର

ଜଳେଶ୍ୱର, ୮/୯(ନି.ପ୍ର): ଜଳେଶ୍ୱର ବ୍ଲକର ଖାଲିନା ନୋଡାଲ ଉ.ପ୍ରା ବିଦ୍ୟାଳୟର ଶ୍ରେଣୀକକ୍ଷରେ ବସିଥିବା ବେଳେ କୌଣସି ଅସାବଧାନତା ଯୋଗୁଁ ଶ୍ରେଣୀକକ୍ଷରେ ଥିବା ଆଲମାରୀଟି ଓଲଟି ପଡିଥିଲା । ୨ଜଣ ଛାତ୍ରୀଙ୍କ ଉପରେ ଆଲମାରୀଟି ପଡିଯିବାରୁ ସେମାନେ ଗୁରୁତର ହୋଇଥିଲେ । ଶିକ୍ଷକମାନେ ତୁରନ୍ତ ଗୁରୁତର ୨ ଛାତ୍ରୀ ଅନି ପ୍ରଧାନ(୬) ଓ ଭାଗ୍ୟଶ୍ରୀ ସରେନ୍ (୮)ଙ୍କୁ ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ଡାକ୍ତରଖାନାକୁ ଆଣି ଚିକିତ୍ସା କରାଇଥିଲେ । ଅନ୍ୟପକ୍ଷରେ ବିଦ୍ୟାଳୟର ଅଭିଭାବକମାନେ ଏ ସଂପର୍କରେ ଜାଣି ରୁଣ୍ଡ ହୋଇଥିଲେ । ବିଦ୍ୟାଳୟର ଅବ୍ୟବସ୍ଥାକୁ ନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା ।

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଗର୍ଭବତୀଙ୍କୁ ସ୍ୱାଗତ ଓ ଅନ୍ନପ୍ରାସନ୍ନ ଦିବସ ପାଳିତ ପାଳିତ

ନୀଳଗିରି, ୦୮/୦୯ (ନି.ପ୍ର): ନୀଳଗିରି ସମନ୍ୱିତ ଶିଶୁ ବିକାଶ ଯୋଜନା ତରଫରୁ ବରହମପୁର ସେକ୍ଟରରେ ଇଶାନେଣ୍ଡି ଅଙ୍ଗନୱାଡ଼ି କେନ୍ଦ୍ରରେ ଗୁରୁବାର ଦିନ ସରକାର ଗର୍ଭବତୀଙ୍କୁ ସ୍ୱାଗତ କରିବା ସହିତ ଶିଶୁମାନଙ୍କୁ ଅନ୍ନପ୍ରାସନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମରୁ ନଅ ମାସ ମଧ୍ୟରେ ଥିବା ୫ଜଣ ଶିଶୁଙ୍କୁ ତାଟିଆ, ଚାମଚ ସହିତ କ୍ଷୀରି କରି ଅନ୍ନପ୍ରାସନ୍ନ କରାଯାଇଥିଲା । ସେହିପରି ଗୋଦ୍ ଭରାଇ ଯୋଜନାରେ ୩ଜଣ ଗର୍ଭବତୀ ମାଆମାନଙ୍କୁ ନୂତନ ଶାଢ଼ୀ, ଶଙ୍ଖା, ସିନ୍ଦୁର, ଅଳତା,ଆଇନା, ପାନିଆ ପ୍ରଦାନ କରି ଗୋଦ୍‌ଭରାଇ ଯୋଜନାକୁ ସଫଳ କରାଯାଇଛି । ଇଶାନେଣ୍ଡି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ବାସନ୍ତୀ ସେଠୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରାଯାଇଥିଲା । ପାର୍ବତୀ ବେହେରା, ପୂର୍ଣ୍ଣିମା ସାହୁ, ସୌଦାମିନୀ ବେହେରା, ଗୀତାଂଜଳି ବେହେରା, ରଂଜିତା ମହାନ୍ତି, ସଂଘମିତ୍ରା ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

କୃତୀ ଛାତ୍ରୀଙ୍କୁ ସହାୟତାର ହାତ ବଢାଇଲା ଅର୍ଣ୍ଣବ ଚେରିଟେବୁଲ ଟ୍ରଷ୍ଟ

ଜଳେଶ୍ୱର, ୮/୯(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଜୋକାପାଟଣାସ୍ଥିତ ଡି.ଏନ୍ ପଂଚାୟତ ହାଇସ୍କୁଲର ଛାତ୍ରୀ ତାପସୀରାଣୀ ଜେନା ମ୍ୟାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ପାସ୍ କରିଥିବାରୁ ଅର୍ଣ୍ଣବ ଚେରୀଟେବୁଲ ଫାଉଣ୍ଡେସନ ତାଙ୍କୁ ଉଚ୍ଚ ଶିକ୍ଷାଲାଭ କରାଇବାର ଦାୟିତ୍ୱ ନେଇଛି । ଏବେ ସେ ସେଣ୍ଟ ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ର ପ୍ରଥମ ବାର୍ଷିକ ଛାତ୍ରୀ ହୋଇଥିବାରୁ ଶିକ୍ଷାଲାଭ ଲାଗି ସମସ୍ତ ପୁସ୍ତକ ଓ ପାଠ୍ୟଉପକରଣ ଟ୍ରଷ୍ଟର ପ୍ରତିଷ୍ଠାତା ଆଦିକନ୍ଦ ଦାସ ଅଧିକାରୀ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଦୀପ୍ତିରାଣୀ ନନ୍ଦୀ, ଭବେଶ ଠକର, ଦୀନକୃଷ୍ଣ ଗିରି, କୈଳାସ ମହାନ୍ତି ଓ ଅନ୍ୟ କେତେକ ସଦସ୍ୟ ଉପସ୍ଥିତ ଥିଲେ । ଏହି ଅନୁଷ୍ଠାନ ପକ୍ଷରୁ ଖୁଦିଆମାଝିସାହି ଗ୍ରାମର ଧିରେନ୍ ପ୍ରମାଣିକଙ୍କ ପୁଅ ଲକ୍ଷ୍ମୀକାନ୍ତ ପ୍ରମାଣିକ ପୁନାଠାରେ କାର୍ଯ୍ୟରତ ବେଳେ ସନ୍ଦେହଜନକ ମୃତ୍ୟୁ ଘଟିଥିବାରୁ ତାର ବିଧବା ପତ୍ନୀ ଓ ନାବାଳକ ପୁଅ, ଝିଅ

ବାଲେଶ୍ୱର, ଶୁକ୍ରବାର, ୦୯ ସେପ୍ଟେମ୍ବର, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଓ.ଏମ୍.ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଚତୁର୍ଥ ସଂଧ୍ୟା

ଭୁବନେଶ୍ୱର,୦୮/୦୯ (ନି.ପ୍ର): ସେପଟ୍ଟେମ୍ବର ୭ ରେ ସୃଜନ ୨୮ ତମ ଓ.ଏମ୍.ସି. ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୨୨ ର ଚତୁର୍ଥ ସନ୍ଧ୍ୟାର ସଂଧ୍ୟାର ପ୍ରଥମ କାର୍ଯ୍ୟକ୍ରମ କର୍ଣ୍ଣାଟକୀ କଣ୍ଠ ସଙ୍ଗୀତର ଗାୟକ ବିଦ୍ୱାନ ସିକ୍ଲିଲ ଗୁରୁଚରଣଙ୍କ ଦ୍ୱାରା କର୍ଣ୍ଣାଟକୀ ସଙ୍ଗୀତ ପରିବେଷଣରୁ । ତାଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ରାଗ ମାଳ ଶ୍ୱରସ ପରେ ପରେ ରାଗ ଗଙ୍ଗା ଭୁଶଣ ପରିବେଷଣ କରିଥିଲେ ଯାହା ତାଙ୍କୁ ତାଙ୍କ କର୍ଣ୍ଣାଟକୀ କଣ୍ଠସଙ୍ଗୀତ ପରିସରର ଜଟିଳତାକୁ ଗଭୀର ଭାବରେ ହୃଦୟଙ୍ଗମ କରିବାକୁ ଅନୁମତି ଦେଇଥିଲା । ରସୋତ୍ତୀର୍ଣ୍ଣ ପରିବେଷଣ ଭାବାବେଗ ସହିତ ଶୁଦ୍ଧ ଉଚ୍ଚାରଣ ଓ ଗାମ୍ଭିର୍ଯ୍ୟ ଏବଂ ଚିତାକର୍ଷକ ସ୍ୱରରେ ସେ ଦୀର୍ଘ ସମୟଧରି ଦର୍ଶକମାନଙ୍କୁ ଆହ୍ଲାଦିତ କରିଥିଲେ । ତାଙ୍କ ସହ ବେହେଲାରେ ଭି ସଞ୍ଜୀବ ଏବଂ ମୃଦଙ୍ଗମ ରେ ଏନସି ଭରଦ୍ୱାଜ ସହଯୋଗ କରିଥିଲେ। ଏକକ ସଂଗୀତକାର ତଥା ସାଥୀ କଳାକାର ଭାବରେ ସେମାନଙ୍କର ସମୃଦ୍ଧ ଅଭିଜ୍ଞତା ସିକ୍ଲିଲ ଗୁରୁଚରଣଙ୍କ ସଂଗୀତ ପ୍ରଦର୍ଶନରେ ସୁମଧୁର ବାତାବରଣ ସୃଷ୍ଟି କରିଥିଲା । ଏହାପରେ ପଶ୍ଚିମବଙ୍ଗରୁ ଆସିଥିବା ବିଦୁଷୀ ପରମିତା ମିତ୍ର ଏବଂ ତାଙ୍କ ଅନୁଷ୍ଠାନ ନୃତ୍ୟାଙ୍ଗନ କଥକ କେନ୍ଦ୍ରର ଶିଳ୍ପୀମାନେ କଥକ ନୃତ୍ୟ ପରିବେଶଣ କରିଥିଲେ। ସେମାନେ ପ୍ରଥମେ ଅଭିନୟ ଶ୍ରୀମନ୍ଦିରାୟଣ ଯାହା ମହାମୃତ୍ୟୁଞ୍ଜୟ ମନ୍ତ୍ରରୁ ଉଦ୍ଧୃତ ତଥା ତିନି ଆଖି ଭଗବାନ ଶିବ କିମ୍ବା ରୁଦ୍ରଙ୍କୁ ସମ୍ବୋଧିତ କରିଥିଲା । ଶ୍ରୀମନ୍ଦିରାୟଣଙ୍କୁ ସ୍ୱର୍ଗତ ଦେବାଶିଷ ସାର୍କ ଗାଇଥିଲେ । ବିଶ୍ୱଜିତ ପାଲ ଏବଂ ଚନ୍ଦ୍ରଚୁର ଭଟ୍ଟାଚାର୍ଜ୍ୟ ଯଥାକ୍ରମେ ତବଲା ଏବଂ ସୀତାରରେ ସହଯୋଗ ପ୍ରଦାନ କରିଥିଲେ। ନୃତ୍ୟ ସଂରଚନା ପରମିତା ମିତ୍ର ଏବଂ ଅଭିନୟ କରୁଥିବା ଶିଳ୍ପୀମାନେ ହେଲେ ଶ୍ରୀତମା ବାନାର୍ଜୀ, ରେଶମୀ ମିତ୍ର, ନିଲୋପା ମିତ୍ର, ସତବଡି ମାଜି, ସୁଜନ୍ତ ଘୋଷ, ଶୁଭ୍ରଦୀପ ଖାଁ, ବିଶାଲ ଦତ୍ତା ଏବଂ ନୀଲମ ରାଜ ରୟ । ନୃତ୍ୟାଙ୍ଗନ କଥକ କେନ୍ଦ୍ରର ପରବର୍ତ୍ତୀ ଉପସ୍ଥାପନା ଥିଲା ଧାମର ଯାହା ୧୪ ଟି ମାତ୍ରା ଚକ୍ରରେ କଥକ ନୃତ୍ୟର ଅଭିନ୍ନ ଦିଗଗୁଡିକ ପ୍ରଦର୍ଶନ କରୁଥିଲା । ତା'ପରେ ସେମାନେ ଏକ ଅଭିନୟ ବା ଭାବପ୍ରବଣ ନୃତ୍ୟାଂଶ ଉପସ୍ଥାପନ କରିଥିଲେ ।

ପାନୀୟଜଳ ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି : ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର, ୮/୯(ନି.ପ୍ର): ରାଷ୍ଟ୍ରୀୟ ଜଳ ଜୀବନ ମିଶନ ଓ ବସୁଧା ଯୋଜନାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚମାରାଗାଁ ପଂଚାୟତର ଚେଙ୍ଗଦାଠାରେ ନିର୍ମାଣ ହେଉଥିବା ଏକ ପାଣି ପ୍ରକଳ୍ପରେ ବ୍ୟାପକ ଦୁର୍ନିତୀ ହୋଇଥିବା ଅଭିଯୋଗ ହୋଇଛି । ନିମ୍ନମାନର ସିମେଣ୍ଟ, ରଡ, ଚିପ୍ସ ଓ ମାଟିମିଶା ବାଲି ବ୍ୟବହାର ହେଉଥିବା ସଂପର୍କରେ ବିଜେପିର ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ବରିଷ୍ଠ ନେତା ଅରୁଣ ବେଜ, ବିଶ୍ୱରୂପ ଦାସ, ଜଗନ୍ନାଥ ଗୋଛାୟତ, ଗିରିଜା ଶଂକର ଗିରି, ବଳରାମ ଗିରି, ସଂଜୟ ଜେନା, ସୃଷ୍ଟିଧର ଗିରି, ବଂଶୀଧର ଗିରି, ଅନନ୍ତ ଗିରି, ରାସବିହାରୀ ଗିରି, ସତ୍ୟବ୍ରତ ପଣ୍ଡା ପ୍ରମୁଖ ପାନୀୟ ଜଳ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ କାର୍ଯ୍ୟର ତୁରନ୍ତ ତଦନ୍ତ କରାଯିବାକୁ ସେମାନେ ଦାବୀ କରିଛନ୍ତି ।

ହକି ବିଶ୍ୱକପ୍ ପାଇଁ କାଉଂଟ ଡାଉନ୍ ଆରମ୍ଭ

ଭୁବନେଶ୍ୱର,୦୮/୦୯ (ନି.ପ୍ର): ଭୁବନେଶ୍ୱର ଓ ରାଉରକେଲାରେ ହେବାକୁ ଥିବା ହକି ପୁରୁଷ ବିଶ୍ୱକପ ୨୦୨୩ର ଅବଗଣନା ଆରମ୍ଭ ହୋଇଯାଇଛି । ଗୁରୁବାରଦିନ ଲୋକସଭା ଭବନଠାରେ ଅନ୍ତର୍ଜାତୀୟ ହକି ଫେଡେରେସନ ପକ୍ଷରୁ ଏହି ବିଶ୍ୱକପର ଡ୍ର' ଅନୁଷ୍ଠିତ ହୋଇଯାଇଛି। ଏହି ଡ୍ର' ପରେ କେଉଁ ପୁଲରେ କେଉଁ ଦଳ ରହିବେ ତାହା ନିର୍ଦ୍ଧାରିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅନ୍ତର୍ଜାତୀୟ ହକି ଫେଡେରେସନର ସଭାରତି ସେଫ ଅହମଦ ଉପସ୍ଥିତ ଥିଲେ। ପୁଲ-ଏରେ ବର୍ତମାନର ୧ ନମ୍ବର ମାନ୍ୟତାପ୍ରାପ୍ତ ଦଳ ଅଷ୍ଟ୍ରେଲିଆ, ଆର୍ଜେଂଟିନା, ଫ୍ରାନ୍ସ ଓ ଦକ୍ଷିଣ ଆଫ୍ରିକା ରହିଛନ୍ତି । ପୁଲ-ବିରେ ବିଶ୍ୱ ଚାମ୍ପିଅନ ବେଲଜିଅମ, ଜର୍ମାନି, ଜାପାନ ଓ ଦକ୍ଷିଣ କୋରିଆ ଅଛନ୍ତି । ସେହିପରି ପୁଲ-ସିରେ ରହିଛନ୍ତି ନେଦରଲାଣ୍ଡସ, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଚିଲି । ଅନ୍ୟପକ୍ଷରେ ପୁଲ-ଡିରେ ଅଛନ୍ତି ଭାରତ,ଇଂଲଣ୍ଡ, ସ୍ପେନ ଓ ୱେଲସ । ଉଭୟ ଚିଲି ଓ ୱେଲସ ପ୍ରଥମ ଥର ପାଇଁ ବିଶ୍ୱକପ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଜିଲ୍ଲା କଂଗ୍ରେସର ପ୍ରତୀକ 'ଭାରତ ଯୋଡ଼ ପଦଯାତ୍ରା'

ବାଲେଶ୍ୱର,୦୮/୦୮ (ନି.ପ୍ର): ଭାରତୀୟ ଜାତୀୟ କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା 'ଭାରତ ଯୋଡ଼' ପଦଯାତ୍ରାକୁ ସମର୍ଥନ ଜଣାଇ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତୀକ ପଦଯାତ୍ରା ଗୁରୁବାର ଆୟୋଜିତ ହୋଇଯାଇଛି । ସ୍ଥାନୀୟ ସିନେମାଛକ ସ୍ଥିତ ଶହୀଦ ପାର୍କ ଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା ସହ ଷ୍ଟେସନ ଛକ ନିକଟରେ ଶେଷ ହୋଇଥିଲା । ଜିଲ୍ଲା ସଭାପତି ସଞ୍ଜୀବ ଗିରି ଶହୀଦ ପାର୍କରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଦରଦାମ ବୃଦ୍ଧି, ଉତ୍କଟ ବେକାରୀ ସମାସ୍ୟା, ସବୁ ସରକାରୀ ତଦନ୍ତକାରୀ ସଂସ୍ଥା ଯଥା ଇଡି, ସିବିଆଇ ସମେତ ନ୍ୟାୟପାଳିକାକୁ ହାତ ମୁଠାରେ ରଖି କେନ୍ଦ୍ର ସରକାର ନିଜ ସ୍ୱାର୍ଥ ହାସଲରେ ନିୟୋଜିତ କରିବା, ସଂସଦରେ ଲୋକଙ୍କ ସମାସ୍ୟା ସମ୍ପର୍କିତ ପ୍ରଶ୍ନ ଉତଥାପନ କରାଇ ନଦେବା, ଦେଶରେ ସାମ୍ପ୍ରଦାୟିକତାକୁ ପ୍ରୋତ୍ସହିତ କରାଯିବା ପ୍ରଭୃତିକୁ ନେଇ କଂଗ୍ରେସ ପକ୍ଷରୁ ଏହି ଭାରତ ଜୋଡ଼ ପଦଯାତ୍ରା ଆରମ୍ଭ ହୋଇଥିବା ଶ୍ରୀ ଗିରି ସୂଚନା ଦେଇଛନ୍ତି। ଏହି ପଦଯାତ୍ରା ୫ ମାସ ଧରି ଚାଲିବ ଏବଂ ଏଥିରେ ପ୍ରତ୍ୟେକ ଦିନ ୨୫କିମି ତଥା ମୋଟ ୩୫୭୦କିମି ରାସ୍ତା ଅତିକ୍ରମ କରି ରାଷ୍ଟ୍ରୀୟ ସମସ୍ୟା ଉପରେ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ତେବେ ବାଲେଶ୍ୱରରେ ଏହି ଏହି ପ୍ରତୀକ ପଦଯାତ୍ରା ସମୟରେ ସହର ଛକ ଓ ପାର୍କମାନଙ୍କରେ ଥିବା ମହାପୁରୁଷ ଯଥା ବିଜୁ ପଟ୍ଟନାୟକ,ଫକୀର ମୋହନ ସେନାପତି, ଉତ୍କଳମଣି ଗୋପବନ୍ଧୁ , ସମରେନ୍ଦ୍ର କୁଣ୍ଡୁ ଓ ପୂର୍ବତନ ରାଷ୍ଟ୍ରପତି ଡ଼.ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ କର୍ମକର୍ତାମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ଅର୍ଚ୍ଚନା ନନ୍ଦି, ଜିଲ୍ଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞାପରମିତା ମହାନ୍ତି, ଜିଲ୍ଲା କଂଗ୍ରେସ ଉପ ସଭାପତି ଗୋପୀନାଥ ପାଢ଼ୀ, କର୍ମଚାରୀ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷା ଜୋସ୍ନା ସେନାପତି ଓ ଜିଲ୍ଲା ଅଧ୍ୟକ୍ଷ ବିକାଶ କୁମାର ଦାସ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଜିଲ୍ଲା କଂଗ୍ରେସ ସାଧରଣସମ୍ପାଦକ ସୁଧାଂଶୁ ଶେଖର ଜେନା, ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା, ଯୁବ ନେତା ସରୋଜ କୁମାର ଲେଙ୍କା, ମନୋରଞ୍ଜନ ନାୟକ, ବିଦ୍ୟାଧର ମହାନ୍ତି, ଜୀବନକୃଷ୍ଣ ବାରିକ, ଜୀବନ ମହାପାତ୍ର, ଅଜଗର ଅଲ୍ଲୀ, ସେକ ୟୁନୁସ, ବିଜୟ କୁମାର ମହାନ୍ତି, ଘନଶ୍ୟାମ ବେହେରା, ବିନତି ବାରିକ, ଜୟନ୍ତୀ ନାୟକ, ଶିବପ୍ରସାଦ ଜେନା, ଅନିତା ଜେନା, ବାସନ୍ତୀ ଗିରି, ଜଳଧର ମୁଣ୍ଡା, ବିଜୟ ମାଝୀ, ଚକ୍ରଧର ପ୍ରଧାନ, ଅଜୟ ବେହେରା, ବିଜୟ ମହାପାତ୍ର ପ୍ରମୁଖ ଏହି ଭାରତ ଜୋଡ଼ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଠିକ୍ ଭାବରେ କାର୍ଯ୍ୟକାରୀ ହେଉଛି : ପ୍ରମିଳା ପଣ୍ଡା

ଉଦଳା, ୦୮/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ୯୯୦ ଜଣ ହିତାଧିକାରୀଙ୍କୁ ଚୟନ କରାଯାଇଛି । ସେଥିମଧ୍ୟରୁ ୭୩୧ ଜଣ ଗୃହ ନିର୍ମାଣ ସମାପନ କରି ଗୃହ ପିଛା ୨ ଲକ୍ଷ ଯଙ୍କା ସହାୟତା ରାଶି ପାଇଛନ୍ତି। ୨୫୯ ଜଣଙ୍କ କାର୍ଯ୍ୟ ଚାଲୁ ରହିଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଯୋଜନାରେ ସମୁଦାୟ ୧୮୩୯ ଜଣ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ଼ ପ୍ରଦାନ କରାଯାଇଛି। ସେହି ପରି ମଧୁବାବୁ ପେନସନ ଯୋଜନାରେ ୬୪୯ ଜଣ ଓ ଇନ୍ଦିରାଗାନ୍ଧୀ ପେନସନ ଯୋଜନାରେ ୨୯୧ ଜଣ ହିତାଧିକାରୀ ଭତ୍ତା ପାଉଛନ୍ତି । ଏହା ବ୍ୟତିତ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୫ ଜଣ ବିଧବା ହିତାଧିକାରୀଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ହରିଶ୍ଚନ୍ଦ୍ର ଯୋଜନାରେ ୨୬ ଜଣ ହିତାଧିକାରୀ ପରିବାରଙ୍କୁ ୭୮ ହଜାର ଟଙ୍କା ପ୍ରଦାନ କରାଯାଇଛି । ଆହାର ଯୋଜନାରେ ୫ ଟଙ୍କାରେ ଭାତ ଡ଼ାଲମା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ହୋଇଛି । ଏହା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପରିଚାଳିତ ହେଉଛି ।

ଅଲଟିମେଟ ଖୋ-ଖୋ ସିଜିନ-୧ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଚାମ୍ପିୟନ

ବାଲେଶ୍ୱର,୦୮/୦୯ (ନି.ପ୍ର): ମହାରାଷ୍ଟ୍ରର ପୁନେଠାରେ ଅନୁଷ୍ଠିତ ଜାତୀୟ ସ୍ତରର ଖୋ ଖୋ ଟୁର୍ଣ୍ଣାମେଣ୍ଟ 'ଅଲଟିମେଟ ଖୋ ଖୋ- ସିଜି-୧'ରେ ଚମ୍ପିଆନ ହୋଇଥିବା ଓଡିଶା ଦଳରେ ସାମିଲ ବାଲେଶ୍ୱରର ୪ଜଣ ଖେଳାଳିଙ୍କୁ ଜିଲାପାଳ ଗୁରୁବାର ସମ୍ବର୍ଦ୍ଧିତ କରିଛନ୍ତି। ଏହି କୃତୀ ଖେଳାଳିମାନେ ହେଲେ ଜଗନ୍ନାଥ ମୁର୍ମୁ, ସିଦ୍ଧେଶ୍ୱର ଟୁଡୁ, ସୁକାନ୍ତ ସିଂ ଓ ଲିପୁନ ମୁଖୀ। କୋଚ ମଳୟ ରଞ୍ଜନ ବେହେରାଙ୍କ ସହ ଏହ ଖେଳାଳିମାନେ ବାଲେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବା ପରେ ଜିଲା କ୍ରୀଡ଼ାସଂଘର କର୍ମକର୍ତ୍ତାମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ସଂଘର କର୍ମକର୍ତ୍ତାଙ୍କ ସମେତ ଖେଳାଳି ଓ କୋଚ ଶ୍ରୀ ବେହେରାଙ୍କୁ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ପାଇଁ ଗୌରବ ଆଣିଥିବା ଏହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଜିଲାପାଳ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର, ସହ-ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଯୁଗ୍ମସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ ଓ ଜଗଦ୍ଦୀଶ ବେହେରା, ବରିଷ୍ଠ ସଦସ୍ୟ ସାଦିକ ଅଲି, ପ୍ରଦୀପ କୁମାର ଦାସ ଏବଂ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ପୁନେଠାରେ ହୋଇଥିବା ଅଲଟିମେଟ ଖୋ ଖୋ ଟୁର୍ଣ୍ଣାମେଣ୍ଟରେ ଆନ୍ଧ୍ର ପ୍ରଦେଶ ଦଳକୁ ୪୬-୪୫ ପଏଣ୍ଟରେ ପରାସ୍ତ କରି ଓଡ଼ିଶା ଜଗରନଟ ଦଳ ଚାମ୍ପିୟନ ଘୋଷିତ ହୋଇଥିଲା।

ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

ନୀଳଗିରି, ୦୮/୦୯ (ନି.ପ୍ର): ବାଲେଶ୍ୱର ର ଅଗ୍ରଣୀ ସଂଗଠନ ଯୁବବିକାଶ ଓ ଜ୍ଞାନଶ୍ରୀ ତରଫରୁ ନୀଳଗିରି ବ୍ଲକ ସିଆଡ଼ିମାଳ ପଂଚାୟତ ଜାମଘାଟି ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ମା' ତୁଳସୀମାଳି ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ପୂର୍ବାହ୍ନ ୮ଘଟିକା ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସତ୍ୟଭାମା ସିଂ ଫିତା କାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଶିବିରରେ ମୋଟ ୫୫ଜଣ ପଂଜିକରଣ କରି ଚକ୍ଷୁପରୀକ୍ଷା କରାଇଥିଲେ । ଏମାନଙ୍କ ମଧ୍ୟରୁ ୧୪ଜଣଙ୍କ ଠାରେ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଛି । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରାମଚନ୍ଦ୍ର ସିଂ, ଚକ୍ରଧର ଲେଙ୍କା, ସଂପାଦକ ଜହ୍ନିମଣୀ ସିଂ, ସଭ୍ୟା କୌଶଲ୍ୟା ସିଂ, କସ୍ତୁରବା ସିଂ, ଗୀତା ସିଂ, ସୁନୀତା ସିଂ, ବାପି ସିଂ ପ୍ରମୁଖ ସହଯୋଗ କରିଥିଲେ । ଏହି ଶିବିରରେ ଟେକନିସିଆନ ପିଙ୍କି ସୁନ୍ଦରା, ଶ୍ରଦ୍ଧାଞ୍ଜଳି ନାୟକ, ବର୍ଷା ଜେନା, ଅନନ୍ତ ସ୍ୱାଇଁ ନିରାକାର ବାରିକ ପ୍ରମୁଖ ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ । ଜ୍ଞାନଶ୍ରୀର ସଂପାଦକ ପ୍ରଶାନ୍ତ ପଟେଲ ଉପସ୍ଥିତ ଥିଲେ ।

ସମ୍ବଲପୁର ରେଳ ମଣ୍ଡଳରେ ଆଧୁନିକୀକରଣ କାର୍ଯ୍ୟ ପାଇଁ ୧୬ ରେ ୨ ଟ୍ରେନ୍ ବାତିଲ୍

ଭୁବନେଶ୍ୱର,୦୮/୦୯ (ନି.ପ୍ର): ସମ୍ବଲପୁର-ଟିଟିଲାଗଡ ରେଳ ସେକ୍ସନ ମଧ୍ୟରେ ଦେଓବାହାଲ-ବରଗଡ ରୋଡ-ବରପାଲୀ ମଧ୍ୟରେ ଦୋହରୀକରଣ କାର୍ଯ୍ୟକ୍ଷମ ପାଇଁ ଟ୍ରେନ୍ ସେବା ପ୍ରଭାବିତ ହେବ । ଉଭୟ ପାର୍ଶ୍ୱରୁ ୧୬ ତାରିଖରେ ୨ ଟି ଟ୍ରେନ ବାତିଲ୍ ରହିବ। ଏହି ଦୁଇଟି ଟ୍ରେନ୍ ହେଲା ୦୮୩୧୭/୦୮୩୧୮ ସମ୍ବଲପୁର-ଜୁନାଗଡ଼ ରୋଡ୍-ସମ୍ବଲପୁର ପାସେଞ୍ଜର ସ୍ପେଶାଲ ଏବଂ ୦୮୨୬୩/୦୮୨୬୪ ଟିଟିଲାଗଡ-ବିଳାସପୁର-ଟିଟିଲାଗଡ ପାସେଞ୍ଜର ସ୍ପେଶାଲ। ସେହିପରି ୧୨୮୯୩/୧୨୮୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ସୁପର ଫାଷ୍ଟ ଇଂଟର ସିଟି ଏକ୍ସପ୍ରେସ ଭୁବନେଶ୍ୱର ଓ ସମ୍ବଲପୁର ମଧ୍ୟରେ ଚଳାଚଳ କରିବ ଏବଂ ସମ୍ବଲପୁର ଓ ବଲାଙ୍ଗୀର ମଧ୍ୟରେ ବାତିଲ ରହିବ। ଏହା ବ୍ୟତୀତ ୩ ଟି ଟ୍ରେନ୍ ର ସମୟ ପରିବର୍ତ୍ତନ କରାଯାଇଛି । ୧୮୦୦୬ ଜଗଦଳପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ଜଗଦଳପୁରରୁ ନିର୍ଧାରିତ ସମୟ ସକାଳ ୦୫ଘ.୦୫ମି.ପରିବର୍ତ୍ତେ ସକାଳ ୦୭ଘ.୩୫ମି.ରେ ଛାଡିବ।୧୮୩୦୨ ରାୟଗଡା-ସମ୍ବଲପୁର ଇଣ୍ଟର ସିଟି ଏକ୍ସପ୍ରେସ ରାୟଗଡା ଠାରୁ ନିର୍ଧାରିତ ସମୟ ଅପରାହ୍ନ ୦୧.ଘ.୨୫ମି. ପରିବର୍ତ୍ତେ ଅପରାହ୍ନ ୦୨.ଘ.୫୫ମି.ରେ ଛାଡିବ । ୨୨୮୬୧ ହାଓଡ଼ା-କଣ୍ଟାବାଞ୍ଜି ଇସ୍ପାତ ଏକ୍ସପ୍ରେସ ଏହାର ନିର୍ଧାରିତ ସମୟ ସକାଳ ୦୬ଘ.୩୫ମି. ପରିବର୍ତ୍ତେ ହାଓଡ଼ାରୁ ପୂର୍ବାହ୍ନ ୦୮ଘ.୦୫ମି.ରେ ଛାଡିବ ।

ଏମ୍.କେ.ସି ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ର ପରିଦର୍ଶନ

ବାରିପଦା, ୦୮/୦୯ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶକ୍ତି କ୍ଲବ୍‌ର ଛାତ୍ରଛାତ୍ରୀମାନେ ବାରିପଦା ସେକ୍‌ସନ୍ (୧) ସ୍ଥିତ ୩୩/୧୧ ଗ୍ରୀଡ୍ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦଚନ୍ଦ୍ର ରାଉତଙ୍କ ମାର୍ଗଦର୍ଶନରେ ଓ ଶକ୍ତି କ୍ଲବ୍‌ର ସଂଯୋଜକ ଶିକ୍ଷକ ଅମୂଲ୍ୟ କୁମ୍ଭକାର ଓ ଅମିତାଭ ମିଶ୍ରଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନେ ବିଦ୍ୟୁତ୍ ପରିବହନର ବିଭିନ୍ନ ନିୟମ ଓ କାର୍ଯ୍ୟକାରିତା ସମ୍ପର୍କରେ ବିଶେଷ ଜ୍ଞାନ ଲାଭ କରିଥିଲେ। ମନୋଜ କୁମାର ଜେନା ଛାତ୍ରଛାତ୍ରୀ ମାନଙ୍କର ବିଭିନ୍ନ ପ୍ରଶ୍ନର ସମାଧାନ କରିବା ସହ ଦିଗ୍‌ଦର୍ଶନ ଦେଇଥିଲେ।

ଅନୁସୂଚିତ ଜନଜାତି ବର୍ଗର ମ୍ୟାଟ୍ରିକ ଟପ୍ପର ଜ୍ୟୋତିପ୍ରିୟା ମାଝୀଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ

ନୀଳଗିରି, ୦୮/୦୯ (ନି.ପ୍ର): ନୀଳଗିରି ବ୍ଲକ ତରତରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅନୁସୂଚିତ ଜନଜାତି ବର୍ଗର ସର୍ବୋଚ୍ଚ ୫୩୩ ନଂ. ରଖି ବ୍ଲକ ଟପ୍ପର ହୋଇଥିବାରୁ ତାଙ୍କୁ ସ